

ଗୁପଲୁ
ପିତାମ୍ବର ଗୁରୁ

# ଗୁପ୍‌ଲୁ

ପିତାମ୍ବର ଗୁରୁ

Digitized by parbasikutum@gmail.com

# ଗୁପ୍‌ଲୁ

ରଚନା: ପିତାମ୍ବର ଗୁରୁ
ପ୍ରକାସିକା ଓ ସତ୍ତ୍ୱାଧିକାରିଣି:
ସ୍ରିମତି ଅସର୍ପି ଗୁରୁ
ମୁଁ/ପୋ: ପଡ଼ା
ଜି: ବରଗଡ଼

ପ୍ରଥମ ସଂସ୍କରଣ - ଅକ୍ଷୟ ତୃତିୟା - ୨୦୦୧

ପ୍ରଚ୍ଛଦ - ଡ଼ି. ବେହେରା
ମୁଦ୍ରଣ : ଏମ୍. ଆର୍. ପ୍ରେସ, ବରଗଡ଼
ମୂଲ୍ୟ: ଟ. ୩୩.୦୦ (ତେତିସ ଟଙ୍କା ମାତ୍ର)

**GUPLU**

by
Pitambara Guru

© Smt. Asarpi Guru

At / P.O.- Pada
Dist - Bargarh

Cover Design : D. Behera

Printed at M. R. Press, Bargarh

Price : Rs. 33 /- (Rupees Thirty Three Only)

Digitized by parbasikutum@gmail.com

# ଅର୍ପନ

ମୋର ଗେଲ୍‌ହେଇଛି ରିନାର୍ ହାତେ ଟେକି
ଦେଲି ।

- ପିତାମ୍ବର

Digitized by parbasikutum@gmail.com

# ମୁଖବଂଧ

ନିରଧୁମିଆ ଦୁଇ ପହରେ ଗରିଲାଏଠ୍ ଆଉର ଖିଲେଇଟେ ଧରି କରିକରି କବି ପିତାମ୍ବର ଗୁରୁ ବସିଛନ୍ ବନ୍ଧ୍ ଆଗିନ୍। ଲାଏଠ୍ ପକେଇଛନ୍। ଆଏଁଖଟା ଫୁଇନ ଅଛେ ଏକସକଁଟି। ତାଙ୍କର ସବୁ ଦରକାର। ସେ କହୁଛନ୍ - "ମୋର ସବୁ ଦରକାର ଯେ ପଡ୍ଲା ମୋର କଁଟାର ହାବଡ଼େ / ସଟ୍‌କରି ଖିଲେଇ ଭିତରକେ ଜାଉଛେ। ବଢ଼େ କାଏଡ୍ / ସଉକ୍ ଅଛେ ବଲି / ସମ୍‌ଜର ଦେଖାସୁଖା/ ମୁଇଁଭି ବଁଧର ଆଏର୍ ଜୁଗିଛେ।" ହେଲେ ଝୁରିବିକିଗଲା ବେଲ୍‌କେ ମାଛି ଧୁକୁଛନ୍।

ଇ ଗରିଲାଏଠ୍‌ଟା ତାଁକର କଲମ୍ ଆଏ। ତାଁକର ଚାଗିତରାଗ ଦୁନିଆଁଟା ବନ୍ଧଟେ ଆଏ। ଏକ୍‌ସକଁଟି ନିଘା ରଖିଛନ୍। ଯେ ଯେ ଆଖି ପଡ୍‌ଲେ ଗୁଟେଇ କରି ତାଙ୍କର ବିଷୟଥି କବିତାଟେ ଟପ୍‌କେଇ ପକଉଛନ୍। କବିତାଟା ଝୁରି ଆଏ। କେତେ କେତେ ରକମ୍ ଝୁରି ମାରିଛନ୍। ଗୁଟେ, ଯୁଡ଼େ ଖିଲେଇ ପୁରା କଲେନ। ଇ କବିତା ସଂକଲନ୍ 'ଗୁପ୍‌ଲୁ' ହେନ୍ତା ଗୁଟେ ଖିଲେଇ ଆଏ। ଇ ଭିତରେ କେତେକେତେ ଝୁରି। କିସମ୍ କିସମ୍‌ଟା - ମଗ୍ରି, ବଜେଟ୍, ମୋରଗାଁ, ଫଗୁନ୍, ଦଁତରା, ଗୁପ୍‌ଲୁ, ଅବୁଝା, ତଫାତ୍, ଢେକଲ, ସୁଁଦରି, ଟଣୌଇ ଇତ୍ୟାଦି କବିତା। ଇ କବିତା ଗୁଡାକ ସେ ବହୁତ ଦିନୁ ଲେଖିଛନ୍। ବହୁତ ଝୁରି ମାଏଲେନ। ହେଁଲେ ହାଟକେ ନେଲେ ଗ୍ରାହାକ୍ କାଇଛେ ? ସେ ଖାଲି ମାଛି ଧୁକୁଛନ୍। ତାଁକର ଝୁରି ନିରାମିଷ୍ ଆଏ। ସାତ୍ତ୍ୱିକ୍ ଆଏ।

ଇ ମାଛିଧୁକୁ କବିଟାକେ ମୁଇଁ ଦେଖିଥିଲି ବହୁତ୍ ଦିନ୍ ତଲେ। 'ହିତ୍‌କଥା' ବଲି ଖିଲେଇଟେ ପଠେଇଦେଇଥିଲେ। ଦେଖିଲି, ଝୁରି ବହୁତ୍ ମିଠା। ତାହାକୁ କହିଥିଲି - ହତାଶ ନାଇଁ ହଉନ୍। ଆମର ହାଲ୍ ଇଟା ଆଏ। ଗରାକ୍ ଘିଚି ଆନ୍‌ବାର୍ କଲାନ ତ ଆପଣ ଉସ୍ତାଦ୍ ନୁହଁନ୍। ହରବରଉନ୍ ନାଇଁ। ଗ୍ରାହକ ତାର ସୁଖେ ଆଏବେ। ନାଇଁ ଆଏଲେ ଖିଲେଇମାନଙ୍କର ମାଲ୍ ସବୁ ଶୁଖେଇ ଦେଇଥିବେ। ରସିଆ ଗାରହାକ ଆଏଲେ ବେଟିନେବାନ। ମୋର କଥା ହେଁ ଶୁନ୍‌ଲେ। ଆଜିର ଇ କବିତା ସଂକଲନ୍ ଗୁପ୍‌ଲୁ ତାଁକର ଦ୍ୱିତୀୟ କବିତା ସଂକଲନ୍ ଆଏ ବାଗିର ଲାଗୁଛେ।

Digitized by parbasikutum@gmail.com

ଇ କବିତା ସଂକଳନ୍‌ର କବିତା ଗୁଡ଼ାକ କହେବା ନିଜର କଥା । ମୁଇଁ ନିର୍ବାକ ଆଏଁ । ମୁଇଁତ ଭାବୁଛେ ଇଥିର୍ ଅନେକ କବିତା ଗୁଟେ ଗୁଟେ ସୁନାମୁତା ଆଏ । ଇଥିର ମୁଲତଉଲ ଠିକ୍ ସୁନାରୀ ହେଲେ ଯାଇ କରିପାର୍‌ବା । ସମ୍ବଲପୁରୀ ଭାଷାଥି ଭଲ କବିତା ନାଇଁନ ବଲିକରି ଯେନ୍‌ମାନେ ଅଭିଯୋଗ କରସନ୍ ସେମାନକର ଲାଗି ଇଟା ଗୁଟେ ଜବାବ୍ ଆଏ । ଯେତେ ପଢ଼୍‌ଲେ ବି ଭଲଲାଗୁଥିସି । କବିକେ ମୁଇଁ ଇର୍ଷା କରୁଛେ - ମୁଇଁ ଇନ୍ତା କବିତା ଲେଖିନାଇଁ ପାର୍‌ଲି ବଲି । ଇଟାର ଉପରେ କହ କାଁଣା କହିପାର୍‌ମି । କେନ୍‌ଗୁଟେ ଅଚିହ୍ନା ଗାଏଁଜେ ରହିକରି ଶ୍ରୀ ଗୁରୁ ତାଁକର ସାଧନା ଅବ୍ୟାହତ ରଖିଛନ୍ । ଇଟାହିଁ ବଡ଼କଥା ।

କବିତା ମାନ୍‌କେ କେତେ ଢେତେ ରକମ୍ କଥା ଅଛେ । କବି ଇ ଅଞ୍ଚଲର ମୁନୁଷକେ ଦେଖିଛନ୍, ସମାଜକେ ଦେଖିଛନ୍, ପ୍ରକୃତିକେ ଦେଖିଛନ୍ । ଦେଖିଛନ୍ ଇ ସମାଜଟା କେନ୍ତା ମଗ୍‌ତ୍ରି ହେଇଗଲାନ ମାଗି ମାଗି । ଦେଖିଛନ୍ ଇ ଯୁଗର ମୁନୁଷମାନେ କେନ୍ତା କରି ଟର୍ଣେଇ ହେଇକରି ରକତ୍‌ଚୁହୁଛନ୍ । ମୁନୁଷକେ ଦେଖିଛନ୍ ସେ କେନ୍ତା ଅବୁଝା ହଉଛେ । ମାୟା ମୋହର ସଂସାର ଭିତରେ ଆଏଁଖିଥାଉନ୍ ଥାଉନ୍ ଗୁପ୍‌ଲି ଯାଉଛେ । ବାଟ୍‌ବନା ହଉଛେ । ଅବୁଝା, ବାବୁରେ, ତଫାତ୍ ଇତ୍ୟାଦି କବିତା ଭିତରେ କବି ଦାର୍ଶନିକ୍ ହେଇଯାଇଛନ୍ । ଜନମ୍ ମରନ୍ ଭିତରେ, ଅନ୍ତରି ଆର ମଶାନ୍ ଭିତରେ ସମିଆଟିକେ ମୁନୁଷ ଜୀବନ । ପ୍ରକୃତିର ହାତେ ପୁତଲାଟେ । ହେଲେ ଜାନିନାଇଁ ପାରେ ମଧୁଶାଲାର ଗିଲାସ ଭିତରେ ମଧୁମାଲ୍‌ତି ନାଚୁଥିଲା । × × × ରାଏତ୍ ଯେ ସରି ସରି ଯାଉଛେ ତାହାକେ ଜନାନାଇଁ । ଭାଷାର ବ୍ୟବହାରଥି କବି ଝନେ ବଡ଼କଲାକାର । ମାଗୁରଗୁରୀ, ଚିକ୍‌ନିକାଲି, କୁନ୍ଦଲା କୁନ୍ଦଲା ହାତ୍, ଫଲସାଫୁଲ୍ - ପହଁଲାମାଲ୍, ହଁସର ଛିଲୋଲାଇ ଇତ୍ୟାଦି ଶବ୍ଦର ପ୍ରୟୋଗକେ ଦେଖୁନ୍ । ସୁନ୍ଦରି, ମୋରଗାଁ କବିତାଥି ସମ୍ବଲପୁର ମାଟିର ବାସ୍‌ନା ବହକି ଯାଉଛେ । ଇଟା ଆହୁରି ବହକି ଯାଉ । ବହଟିଯାଉ । କବିର କବିତା ଦୁସ୍‌ରାମାନ୍‌କୁ ବହଁକ୍ ଚଢ଼ଉ । କବି ଫୁଇକେ ନିଘା ରଖିଥାଉନ୍ ।

**ଡ. ଅଶୋକ କୁମାର ଦାଶ**

ବିଭାଗୀୟ ମୁଖ୍ୟ, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ତା: ୧୧.୦୪.୨୦୦୧

Digitized by parbasikutum@gmail.com

## ।। ଇ ଭିତ୍‌ରେ ଅଛେ ।।


| ଲେଖା | ପୃଷ୍ଠା |
|---|---|
| ଚପାଟ୍ | ୧ |
| ଢେକଲ୍ | ୨ |
| ଅବୁଝା | ୩ |
| ବାବୁରେ | ୫ |
| ସୁଁଦରି | ୭ |
| ହିସାବ୍ | ୯ |
| ଅର୍ଢଲି | ୧୧ |
| ଚଁଢେଇ | ୧୩ |
| ମଗତ୍ରି | ୧୫ |
| ବଜେଟ୍ | ୧୭ |
| ଗୁଲାମ୍ | ୧୯ |
| ନରଦା | ୨୧ |
| କବିତା | ୨୩ |
| ମୋର୍ ଗାଁ | ୨୫ |
| ସିଆନ୍ | ୨୮ |
| ହୁର୍ଗୁନା | ୩୦ |
| ଫଗୁନ୍ | ୩୪ |
| ଦତଁରା | ୩୬ |
| ତାହେରୁ | ୩୮ |
| ଆତ୍ମା | ୪୦ |
| ଗୁପୁଲୁ | ୪୧ |
| ଦେବ୍କି | ୪୨ |
| ପଲାଉ | ୪୫ |
| ଖବର୍ | ୪୭ |


Digitized by parbasikutum@gmail.com

| ଲେଖା | ପୃଷ୍ଠା |
|---|---|
| ଏକ୍‌ଲା | ୪୯ |
| ପିଜଁରା | ୫୧ |
| କୁର୍‌ଚି | ୫୨ |
| ହଁସରା | ୫୪ |
| ତା ହେଲେ | ୫୭ |
| ତୁତୁରା | ୫୮ |
| ପାରାଟେ | ୬୧ |
| ବିଚ୍‌ରା | ୬୩ |
| ମୁନୁସ୍ | ୬୬ |

❑ ❑ ❑

Digitized by parbasikutum@gmail.com

# ତଫାତ୍

ହିସାବ କଲେ ଆକାସ ତଲେ
ଆମର୍ ଜିବନ୍ କେତେଟେ ?
ଆମେ ଗନୁଛୁଁ ଦିନ୍ ଦିନ୍ କରି
ଆଉର୍ କହୁଛୁଁ ବଢ଼େଟେ ।
ଆମର୍ ହେତୁ ନାଇଁ ଅଁତ୍ରି ଘର୍,
ମସାନ୍ ଘାଟ୍‌କେ ଗଲା ବେଲ୍‌କେ
ଆଉର୍ ଜାଣା ଥିବା ସୋର୍ !
ଅଁତ୍ରି ଆଉର୍ ମସାନ୍ ମଝି
ଜେନ୍ ସମିଆ ଜାଇଛେ ଅଲ୍‌ଝି-
ହିସାବ୍ କର କେତେଟେ ?

ଆଏଲା ବେଲ୍‌କେ ହୁଲ୍ ହୁଲି
ଆଉର୍ ଗଲା ବେଲ୍‌କେ ହରିବୋଲ୍
ଇ ଦୁହିଥିର୍ ମଝି ଅଛେ
ଆମର୍ ଜିବନ୍‌ର ସୋର୍‌ଗୋଲ୍
ଜାହା କର୍ବ ଏଭୁ କର
ନେହେଲେ ପଛେ ହର୍‌ବର୍

କିଏ ଉଢ଼ିଛେ ପଟର୍ ଛଟା
କିଏ ପାଟର୍ ଛଟା
କିଏ ପିଁଧିଛେ ଫଟା ଲେଁକିରି
ଆଉର୍ କିଏ ପାଟ୍ ମଠା ।
ଇନୁଗଲେ ସଭେ ସମାନ୍
ସେନ ନାଇନ ବଡ୍‌ସାନ୍
ଧନ୍ ଦରବ୍ ଟଁକା ସୁନା
ସବୁ ପଡି ରହେବା ସିନା
ଧରମ୍ କରମ୍ ଅର୍ଜିଲାଟା
ସେନ ଜଦି ଦେଖେଇ ପାର୍‌ବ
ଜେନ୍‌ଟା ମଠା ଜେନ୍‌ଟା ଫଟା
ନେହେଲେ ଖାଲି ହଟ୍‌ହଟା ।

❑ ❑ ❑



Digitized by parbasikutum@gmail.com

## ଢେକଲ

ତୁମେ ଜେନ୍ ଦିନୁ ମତେ -
ତୁମର୍ ନଁଗଲ୍‌ନ ଉଲ୍‌ଟେଇ ଦେଲ
ମୁଇଁ ସେ ଦିନୁ ପଡିଛେଁ।
ସିତ୍-କାକର୍-ଖରା ସହିସହି
ମୋର୍ ଭିତର୍ ବାହାର୍ ଟାନ୍ ହଇଗଲାନ।
ପୋଢ-ବଲଦ୍-ଛେଲ୍-ମେଢି
ସମ୍‌କରର୍ ଖୁରାର୍ ଚୋଟ୍ ସହୁଛେଁ।
ମୁଇଁ ଟସ୍ କି ମସ୍ ନାଇଁ କର୍ବାର।
ମୁଇଁ ଟାକିଛେଁ-
ନିଲି ନିଲି ଆକାସ୍‌ନ,
କଲିଆ କଲିଆ ମେଘ୍ ଆଏବା,
ତାର୍ ଝୁପୁର୍ ଝାପୁର୍ ବାଲ୍‌କେ-
ଚାହିଁ ଆଡେ ଖେଲେଇ କରି,
ଜଖେଇ ବାଗିର୍ ନାଚ୍‌ବା।
ତାର୍ ନାଚିର୍ ତାଲେ ତାଲେ
ଭର୍ନି ପାର୍ ବାଜ୍‌ବା।
ସବୁ ଆଡ୍ ଝିମ୍ କଲିଆ ହେବା।
ଧରତି ଆଉର୍ ଆକାସ୍ ଗୁଟେ ହେବା।
ସେ ମାନଁକର୍ ମିଲନ୍‌ନୁ ଅମ୍ରୁତ ଝରବା।
ମୋର୍ ସୁଖା ଖଡ୍ ଖଡ୍ ଦିହି,
ମହମ୍ ବାଗିର୍ ତର୍ଲି ଜିବା।
ମୋର୍ ଛାତି ଭିତ୍ରେ ତୁମେ ଦେଖିବ
କେତେ ଦରଦ୍ ତୁମର୍ ଲାଗି।
ତୁମର୍ ସୁନାର୍ ବିହନ୍ କେ
ମୁଇଁ ଫେର୍ ଗଜ୍‌ରାମି।
ଛନ୍ ଛନିଆ ଗଛ-ପତର-
ଫୁଲ୍-ଫଲକେ ସଁଭଲେଇ କରି ରଖିମି।
ତୁମର୍ ମୁହେଁ ଆହାର୍ ଦେମି।

❑ ❑ ❑



Digitized by parbasikutum@gmail.com

# ଅବୁଝା

ତେଲ୍ ତାଗିର୍ ସର୍ଲି ପଡୁଥିବା ସଡ଼କ,
କେନ୍‌ସିନ ଖାଲ୍‌ଟେ ନାଇଁ କି ଢ଼ିପ୍‌ଟେ ନାଇଁ।
ତାହାକେ ବନେ କର୍ବାର୍ ଲାଗି
କେତେ ଜତନ୍-ପାତନ୍,
ସବୁବେଲେ ବାର ମେହେନତ୍ ଲାଗିଛେ।
ତହେବି ସେନ୍ ଗାଡ଼ିମଟର୍ ଉଲ୍‌ଟି ପଡ୍‌ସି।
ଦୋସ୍ ଗାଡ଼ିର ହଉ / ଗାଡ଼ି ଚଲଉଥିବା ଡାଏଭରର ହଉ /
ସେ ଚିକନ୍ ଚାକନ୍ ସଡ଼୍‌କର୍ ହଉ।
ଛୁଆଦିନୁ ତେଲ୍ ଫୁଲ୍, ଉସୋକସା,
ଜତନ୍ ପାତନ୍ ଆଉର୍
ଏ ଆର୍ କରିସନ୍ ଘରେ ବଢ଼ିଥିବା,
ଅଭାବ୍ ଅସୁବିଧା କାଣା ନାଇଁ ଜାନିଥିବା,
ଗୁଡେ କେଭେ କଁଟା ତ ଦୁର୍‌ର କଥା-
ଧୁଏଲ୍ ବାଏଲ୍ କିଛି ନାଇଁ ଲାଗିଥିବା,
ଘି' ଖାଇ ଗୁରସେଁ ଅଟୁଥିବା,
ବନେ ଘରର୍ ପିଲାକେ ଭି କେନ୍ ସର୍ ହେସି,
ତହେବି ଆମେ ନାଇଁ ସିଖୁ।

× × ×

ଛାଟ୍ ହଇ ଲୁହାର୍ ଲାଇନ୍ ଲଁମିଥିସି,
ହଜାର୍ ହଜାର୍ ଟନ୍ ଉଜନ୍ ରେଲଗାଡ଼ି-
ତାର୍ ଉପ୍ରେ ଦିନ୍ ରାଏତ୍ ନର୍ଦୁଥିସି।
କେତେ ଟାନ୍ କେତେ ବର୍‌କସ୍ ସେ ଲୁହାର୍ ଲାଇନ୍-
ତହେବି ସେ ମୁରି ହଇ ଯାଏସି।
ରେଲ୍‌ଗାଡ଼ି ପଟ୍‌ରିନୁ ଭଡ୍ରି ଜାଏସି।
ଠାଟୁ ପହେଲ୍‌ମାନ୍ କସ୍‌ରତ୍ କରି
ନିଜର ଦିହିକେ ବର୍‌କସ୍ କରି ରଖିଥିସି,
ଜୁଗର୍ ବାଲି କଟ୍ରେଇ ହେଇ ହେଇ
ମାଠିମୁଠି କରି ଚେହେରା ଚମ୍‌କଉଥିସି,



Digitized by parbasikutum@gmail.com

ଖାଏବାର୍ ପିଇବାର୍ ମୁଳବାର୍ ବସ୍‌ବାର୍
ସବୁ ଠିକ୍ ଠିକ୍ ସମିଆନ କରୁଥିସି।
ତାର୍ ତାକତ୍ କଏଲେ ସରିଗଲା
ସବୁ ଆଡେ ଚର୍ଚ୍ଚା।
ତାହାକେ ଫେର୍ ପାରଲିସିସ୍ ହେସି।
ଗୋଡ୍ ହାତ୍ ଲେପୋକେଚୋ,
କଥା କହେବାର୍ ତାକତ୍ ନାଇଁ।
ତହେବି ଆମେ ନାଇଁ ସିଖୁ।

× × ×

ସୁଇନ୍ ଉପ୍ରେ ଉଡୁଥିବା ଉଡ଼ାଜାହାଜ,
ମାମ୍ଲି ଚଢ଼େର ଡେନା ମାରେ,
କିନ୍ଦ୍ରି କିନ୍ଦ୍ରି ତଲେ ପଡିଜାଏସି।
ହାତି ବାଗିର ବର୍‌ଜସ୍ ଜନ୍ତୁର ନାକେ,
ଚାଁଟି ବାଗିର୍ ସୁରୁ ଜିବ୍‌ଟେ ଢୁକିଗଲେ,
ମେରୁ ବାଗିର୍ ହାତିର୍ ଗଁଡି
ତଲେ ଘେସ୍ରି ଜାଏସି।
ମାୟା-ମୋହନ ପଡିକରି,
ଧରାକେ ସରା ଗିଆନ୍ କରୁଥିବା ଅଧମ୍ ମୁନୁସ୍,
ଉପ୍ରେ ଉପ୍ରେ କୁନ୍ଦୁଥିସି।
ନିଜର୍ ଧନ୍ ଗର୍ବର୍ ଲହଡା ଭିତ୍ରେ
ବଢେ ଉସତ୍ ନ ଉଝାଲ୍ ମାରୁଥିସି।
ସମିଆ ଆଏସି-
ମାୟା-ମୋହ-ଗରବ୍-ଅହଁକାର୍
ଦଲ୍ ଦଲି ହୋଇ,
ଉଝାଲ୍ ମାରୁଥିବା ମୁନୁସ୍‌କେ,
ତଲ୍‌କେ ତଲ୍‌କେ ଦବେଇ ଦେସି।
ତହେବି ଆମେ ନାଇଁ ସିଖୁଁ।

× × ×

ଇଟା ମୁନ୍‌ସର ବଡ୍‌ପନ୍ କି ଜଡ୍‌ପନ୍
ଜନା ନାଇଁ ପଡେ।
ଜେ ମୁନୁସ୍‌କେ ତିଆର୍ କରିଛେ
ସେ ଗୁସିଆଁ ଜାନ୍‌ବା।

□ □ □



Digitized by parbasikutum@gmail.com

## ବାବୁରେ !

ବାବୁରେ ! ଟିକେ ରହିଜା ।
କାଲ୍ ସାଁପ୍ ବାଗିର୍ ଲଁମିଥିବା,
ଇ କଲିଆ ସଡକ୍‌କେ ପାର ହେବା ଆଗ୍ଲିନୁ,
ଥରେ ଡେବିଁ ଭୁଜନି ନିଘାକର୍-
ମଟର୍ ଝଟର୍ ବାରକଥା ।
ଧୁଡୁମ୍ ବାଗିର୍ ନର୍‌ଦି ଗଲେ,
କେତେବେଲେ ଚେପେଇ ହେଇଜିବୁ,
ତୋର୍ କଁଚା ଜିବନ୍‌ଟା
ସଟୋକଲା ପଲେଇ ଜିବା
ତୁଇ ସୋର୍ ନାଇଁ ପାଉ ।
ବାବୁରେ ! ଟିକେ ରହିଜା ।
ସମିଆ ନଏଦ୍ ପାର୍ ହେବା ଆଗ୍ଲିନୁ,
ସବୁ ଆଡ୍‌କେ ନିଘାକର୍ ।
ନଦିର ଗର୍ଭେ-
ଲଁଦ୍-ଫଁଦ୍, ଲଟର୍-ପଟର୍ ଧଦାଲ୍ ।
ହିଁସା-ଅହଁକାର୍, ଚାଲି-ଚୁଗ୍ଲି ସାଁପ୍ ଆଉର୍ ମଗର୍
ସବୁକୁଡି ଟହଁଗୁଛନ୍ ।
କେତେବେଲେ ଗୋଡ୍ ଖର୍ଲିଗଲେ,
ବିପଦର୍ ପର୍ଥେ ଜୁଗ୍‌ରେଇ ହେଇ ପଡ୍‌ବୁ-
ତୋର୍ ସବୁ କଲାକରମ୍ ମାହାଲିଆ ହେବା ।
ବାବୁରେ ! ଟିକେ ରହିଜା ।
କେନ୍‌ସିଗୁଟେ ଫଏସ୍ଲା କର୍ବାର୍ ଆଗ୍ଲିନୁ
ସବୁକଥା ବିଚାର୍ କର୍ ।
ବଁଦୁକ୍‌ନୁ ବାହର୍ଲା ଗୁଲି
ଫିରିକରି ବଁଦୁକ୍ ଭିତର୍‌କେ ନାଇଁଜାଏ-
ମୁହ୍ନୁ ପିଛିଲ୍ଲା କଥା ଲେହେଁଟି ନାଇଁ ଆସେ ।
ଥୁତୁନା ଉପର୍ କରି ଥୁକୁବୁ ବଏଲେ



Digitized by parbasikutum@gmail.com

ସେ ଥୁଜ୍ ତୋର୍ ଦିହେ ପଡ୍‌ବା।
ଆଏଁଖ୍ ଉପର୍ କରି ବାଟ୍ ଚାଲ୍ଲୁ
ଢଁଚରା ପଥେଁ ଝୁଟେଇ ହେବୁ।
ମାହାପ୍ରୁ ତତେ ଆଏଁଖି ଦେଇଛେ,
ମୁଡେ ତୋର୍ ଗିଆନ୍ ଦେଇଛେ,
ଭାବ୍‌ବାର୍ ଲାଗି ବଲ୍ ଦେଇଛେ।
ସବୁଥାଇ କରି ତୁଇ ଜଦି ଚାଲି ନାଇଁ ଜାନ୍‌ବୁ
ଠିକ୍ ସମିଆନ ଅଁଧାମାନେ କେନ୍ତା ଚାଲସନ୍ ବଲି-
ଆଏଁଖି ଦୁହିଟା ମୁଜିଦେବୁ-
କାହାରିର୍ କିଛି ନାଇଁ ଜାଏ,
ତୋର୍ ଖାଲି ନୁକ୍‌ସାନ୍ ହେବା-
ବାଟେ ପଡିଥିବା ସୁନା ବୁଟ୍‌କାକେ
ଅଁଧା ବାଗିର୍ ବହଁକି ଜିବୁ।

❑ ❑ ❑



Digitized by parbasikutum@gmail.com

# ସୁଁନ୍ଦରି

୧

ଫଗୁନ୍ ମାସର୍ ସକାଲ୍ ସକାଲ୍
ବେଲ୍ ଦିସୁଥିସି ଲାଲ୍ ଲାଲ୍
ମହୁଲ ଝାରେ ଏକ୍ଲା
ଗହମ ଗୁରି ମହୁଲ ବେଟୁଥିସି
ଫୁର୍‌ଫୁର୍ ହେଇ ଉଡୁଥିସି ବାଲ୍ ।
ଗୁନ୍ ଗୁନେଇ ଗାଉଥିସି ଗିତ୍
କେଭେ ତୁମେ ଦେଖିଛ କାଏଁ
ସେ ଛନ୍‌କ ଲାଗ୍‌ସି କେତେ ହିତ୍ ।

୨

ସୁଲ୍‌ହ ବଏସି ଚିକିନି କାଲି
କୁଁଦ୍‌ଲା କୁଁଦ୍‌ଲା ହାତ୍
ଚକା ଚକା ଆଏଁଖ୍ ଗୋଲ୍ ମୁହୁ ତାର୍
ମଲି ଫୁଲ୍ ବାଗିର୍ ଦାଁତ୍
ନିଖୁନ୍ ପୁଛୁନ୍ ବଡେ ସରସ୍
କେଭେ ଦୁଁଖ୍ ନାଇଁ ସଦା ହରସ୍
ଜୁରା ଗରିଆ ଧରି
ଟପୋ ଟପୋ ଚାଲି ଆସୁଥିସି
ଗାଆଁର୍ ବଁଧର୍ ଆଗି
ମହେଁ ବୁଁଦା ବୁଁଦା ଝାଲ୍
ନିଲି ଆକାସେ ତରାର୍ ଫୁଲ୍
ଖିରା ଧାସର୍ ଢାଲ୍ ।

୩

କେଭେ ଜଦି ଜାଉଥିବ
ଖେତର୍ ଆଗି ଆଗି,



Digitized by parbasikutum@gmail.com

ସୁନ୍‌ବ ଜଦି ଗିତ୍ ଗାଉଥିବା
ସୁନ୍ଦ୍‌ରି ମାଗୁର୍ ଗୁରି,
ଘାଏ ବାଗିର୍ ଜିବ ଅଟ୍‌କି।
ଜିବନ୍ ଜାକର୍ ସବୁ ଥକାନ୍,
ସବୁ ହାହାକାର୍ ସବୁ ଦୁଖାନ୍,
ପଲେଇ ଜିବା ଲେହେଟି।
ଲଟା ବାଛୁଥିସି
ଗିତ୍ ଗାଉଥିସି।
କାଏଁ ଭାବ୍ କାଏଁ ରସ ଥିସି ସେ ଗିତେ,
କାନେ ପଡ୍‌ଲେ ଜେନ୍ତା ଲାଗୁ
ମନ୍ ଜାଏସି ଲହଁସି।
ବେଦ୍ ନୁହେସେ ପୁରାନ୍ ନୁହେସେ
ନୁହେସେ ଉପନିସଦ୍
ମାଲ୍ ମାଲ୍ ହଇ ସେ ଗିତ୍‌ନ
ଗୁଁଥା ହଇଛେ ସବଦ୍
ହେଲେ ସମ୍‌କରନୁ ବଡ୍
ଜେ ସୁନ୍‌ସି ତାହାକେ ସେତ କରିଦେସି ଜଡ୍।
ଜଡ୍ ହେବାର୍‌ଟା ବଡ୍ ନୁହେସେ
ତୁମେ ଭାବୁଛ ମନେ ?
ଜଡ୍ ହେବାର୍ ଲାଗି ଛିନା ଛକା ଠାନ୍
କାଜେଁ ନୁଗୁଛ ସିନେ ? ?

❑ ❑ ❑

Digitized by parbasikutum@gmail.com

# ହିସାବ

ଜାଲର୍ ଗର୍ଭେ ଧରି ଜାଇଥିବା ମନିଆକେ
ସେ ନୁବୁଛେ ଘେସ୍ରା ପଏସା ଭିତ୍ରେ ।
ସାରା ଜିବନ୍ ସତା ନମ୍ବରେଁ ସରିଜାଇଥିବା
ସବୁ ହିସାବ କିତାବ ପାସ୍ରି ହଇଗଲାନ ।
ମଧୁସାଲାର୍ ଗିଲାସ୍ ଭିତ୍ରେ ମଧୁମାଲତି ନାଚୁଥିଲା ।
ଜପ୍‌ଗିଆ ଜପ୍‌ଗିଆ ଆଁଖିର୍‌ତରେଁ
ଅଛ୍‌ରା ଅଛ୍‌ରା ହେଇ ସପନ୍ ମାନେ ବର୍ସୁଥିଲେ ।
ସେ ଖାଲି ସପନ୍ ଦେଖୁଥିଲା ।
ଗାଏତ୍ ଜେ ସରିସରି ଜାଉଛେ
ତାହାକେ ଜନା ନାଇଁ ।
ଖଲା ଜାକର୍ ବିଛିହଇଥିବା ଧାନ୍ ମାଡେନ୍,
ବଳଦର୍ ଖୁରାନ ଦଲି ହେଇ ଜାଏସି ।
ସୁଖା ଧାନର୍ ଗୋଡ୍‌ନୁ ଗୋଟ୍ ଗୋଟ୍ ହେଇ
ଧାନ୍ ଝରି ପଡ୍‌ସି ।
ପୁଆଲ୍‌ଟା ପୁଆଲ୍ ହେଇ ରହିଜାଏସି
ଆଉର୍ ସକାଲ୍ ପାହି ଜାଏସି ।
ସଂସାର୍‌ଟା ଜଦି ଗୁଟେ ଖଲା ଆଏ,
ଆମାର୍ ଜିବନ୍‌ଟା ମାଡେନ୍ ଆଏ,
ଇ ସଂସାରେ ଆମାର୍ ଜବାର୍ ମାନେ
ଧାନ୍, ପୁଆଲ୍, ପୋଲ୍, ଧୁଡୁସ୍, କେରାକୁଟା
ସବୁକେ ଧୁଜି ପାଛ୍‌ରି କରି ଜାହା ରହେସି,
ତାର୍ ଉପ୍‌ରେ ସବୁ ହିସାବ କିତାବ ।
ଖାଲି ମାଡେନ୍ କେ ଦେଖି କରି
ମୁଲ୍ ଦାମ୍ ନାଇ ହୁଏ ।
ପୁଆଲ୍ ଗୁଡ୍‌ତାକେ ଦେଖିକରି
ପରଜା କେତେ ଧାନ୍ ପାଏସି
ଜାନି ନାଇଁ ହୁଏ ।



Digitized by parbasikutum@gmail.com

ସେ ଦିନ ସେ ନିସାର୍ ସ୍ବପ୍ନରେ ଥିଲା
ତାର୍ ଆଁଖିର୍ ତରେ ଅଛରା ଅଛରା ସପନ୍।
ଖଲାନ ପଡିଥିବା ମାଡେନ୍ ବାଗିର୍
ତାର୍ ଚାହିଁଆଡେ ବିଛି ହଇଥିବା
ଧନ୍ ଦଉଲତ୍‌କେ ଦେଖିକରି
ହିସାବ୍ କିତାବ୍ ଜୁରୁଥିଲା।
ସେ ହିସାବ୍ ଭିତ୍ରେ କେତେ ପୋଲ୍-ଧୁତୁସ୍
କେରାକୁଟା ଅଛେ
ତାହାକେ ଜନା ନାଇଁ।
ଛିଛିବିଛି ହଇ ପଡିଥିବା ଧନ୍ ଦଉଲତ୍ ଦେଖିକରି
ସେ ନିଜ୍‌କେ ମାହାଜନ୍
ଆଉର୍ ବରକସ୍ ବଲି ଭାବୁଥିଲା।
ଇତିହାସ ସାକ୍ଷୀ ଅଛେ-
ସାରା ଦୁନିଆକେ ଜିତିଛେଁ ବଲି
ଦୁଲ୍‌ଦୁଲି ବଜା ବଜଉଥିବା ଆଲେକ୍‌ଜାଣ୍ଡର
ବତର୍‌କିରିର୍ ଭୋଗ୍ ବାଗିର୍
ଇ ଦୁନିଆକେ
ଅଡେଇ ବେଲ୍ ଦେଖିଥିଲା।

❑ ❑ ❑



Digitized by parbasikutum@gmail.com

# ଅର୍ଦ୍ଧଳି

୧

କାଲିଆ !
ତୁଇ କଲିଆ କାଁଜେ ହେଲୁ ?
ସମ୍ କଁଗନୁ ବାରି ହେବାର୍ ଲାଗି ?
ସବୁ ରଁଗ୍‌ନୁ କଲିଆଟା ସାର୍‌ବଲି ?
କି ଜଗତ୍ ଜାକର୍ କଲିଆକେ-
ନିଜେ ସାଆଁଟି ନେଇଛୁ,
ସବୁ ଆଡେ ଉଜାଲା ହେବା ବଲି ?

୨

ମତେ ଥରେ ବାଗିର୍ କହ କାଲିଆ-
ତୁଇ ଠୁଁଟା କାଁଜେ ହେଲୁ ?
ଲୁକେ ସିଖ୍‌ବେ ବଲି ?
ତହକିବେ ବଲି ?
ତୋର୍ ଗୋଡ୍ ହାତ୍ ନାଇଁ ଥାଇକରି
ଜଗତ୍ ଚଲଉଛୁ;
ଜେନ୍ ମାନଁକର୍ ଅଛେ-
ସେମାନେ କାଣା ସିଖୁଛନ୍ ?

୩

ତୁଇ ଜାହା ହେଲୁ ଜେନ୍ତା ହେଲୁ କାଲିଆ-
ତୁଇ ଦାରୁ କାଁଜେ ହେଲୁ ?
ଗୁଡି ଭିତ୍ରେ ଆରାମ୍‌ନ ରହେମି ବଲି ?
ତୋର୍ ଲାଗି କ୍ୟୁଣ୍ଟାଲ୍ କ୍ୟୁଣ୍ଟାଲ୍ ପର୍‌ସାଦ୍ ?
ବଜାର୍ ବସିଗଲା ।
ଲୁକେ ଆଁପି ଚିପି ହଉଛନ୍ ।
ତୁଇ ବସି ରହେବୁ,
ସଭେ ଖାଏବେ ବଲି-

Digitized by parbasikutum@gmail.com

ତୋର୍ ଦାରୁ ମୁର୍ତି ?
ସବୁ କଥା ଗୁପାଗୁଲା ଲାଗୁଛେ ।
ତୋର୍ କଥା ତୁଇ ଜାନ୍‌ବୁ ।
ମୋର୍ ସେ ସବୁ ଦର୍କାର୍ ନାଇନ ।
ହେଲେ ତୁଇ
ଜାହାହେଲୁ ତ ହେଲୁ କାଲିଆ,
ମୋର ଗୁଟେ ଅର୍ଦଲି
ତୁଇ କୁଁଦା ନାଇଁ ହ ।
ଇ ଅଧମ୍ ମୁନୁସ୍ କେ କିଛି କହ ।
ସେମାନକର୍ ବୁଧିବନା ହଇ ଜାଇଛେ ।
ସେମାନେ ଅଁଧାରେ ଡଁଲାଲି ହଉଛନ୍ ।
ତୁଇ ସେମାନ୍‌କୁ ବାଟ୍ ବତା ।
ତୋର୍ ଖଁଡିଆ ହାତ୍ ଧରି
ସେମାନେ ବନେ ବାଟେ ଚାଲୁନ୍ ।

❑ ❑ ❑



Digitized by parbasikutum@gmail.com

## ଟଁଢେଇ

ସେ ରକତ୍ ପିଇସି,
କଁଚା ମାଉଁସ୍ ଖାଏସି,
ମଏଲା ଖାଏସି ।
ତାହାକେ,
ତୁମେ ସଭେ ଜାନିଛ ।
କିହେ କିଛି ନାଇଁ କହ ।
ରଜା ନଁଗ୍ଲା ହଇ ବୁଲୁ ଥିସି-
ଜେ କହେବା,
ତାର୍ ମୁଁଡ୍ କଟା ହେବା ।
କେନ୍ତା ବଏଲେ-ସେ ରଜା ଆଏ ।
ସେ ମନ୍ତର୍ ଜାନିଛେ ।
ସମ୍‌କୁ ବସ୍ କରିଦେସି ।
ଜେ ଜଦି ବସ୍ ନାଇଁ ହେବା,
ଜହସେ ଜହ ହେଲେ-
ଗୁଟେ ରାଏତ୍ ଜିବା ।
ତାର୍ କାର୍‌ବାର୍ ସବୁ ଅଁଧାର୍ ରାତି ।
ମୁଁଡ୍ ତଲ୍ ଆଉର୍ ଗୋଡ୍ ଉପର୍ କରି,
ସେ ଚରି ପାର୍‌ସି ।
ସେ ବିର୍ ବାହାନ୍ ଚଢସି ।
ତୁମର୍ ପଛେ,
ତାର୍ ସବୁ ଚେଲା ଚମ୍‌ଚା
ଲଗେଇ ଦେବା ।
ତୁମେ କିଛି ନାଇଁ କହ,
କିଛି ନାଇଁ କହିପାର ।
ସେ ନଁଗ୍ଲା ହଇ ବୁଲୁଥାଉ ।
ରକତ୍-ମାଉଁସ୍-ମଏଲା ଖାଉଥାଉ



Digitized by parbasikutum@gmail.com

ସମିଆ ସବୁବେଲେ ଛାଟେ ଛାଟେ ନାଇଁଜାଏ।
ତାର୍ ଭି ସମିଆ ଆଏବା।
ଇ ସମାଜ୍‌ର ଗୁନିଆମାନେ-
ଫୁଙ୍କିଝାରି କରି,
ତାର୍ ବିର୍‌ବାହାନ୍ ଉଡ୍ରେଇ ଦେବେ।
ସେମାନ୍‌କର୍ ହାତେ ତାକତ୍ ଅଛେ।
ବିର୍ ବାହାନ୍ ଉଡ୍ରିଗଲେଁ,
ସେ ଜାନ୍‌ବା ନ
ତୁମେ ସଭେ ଇହାଦେ,
ଡୁଗ୍ ଡୁଗ୍ ମୁଟ୍ ମୁଟ୍ ଦେଖୁଥା।



☐ ☐ ☐

Digitized by parbasikutum@gmail.com

# ମଗ୍‌ତ୍ରି

ତୁମେ ଆମ୍‌କୁ ସବୁ ଦିଅ।
ଜୁଗ୍ ଜୁଗ୍ ଧରି
ଆମେ ଖାଲି ମାଗୁଛୁ।
ଦେବାର୍ ନୁ ପୁଛନ୍ ନାଇଁ,
ମାଗବାର୍ ନୁ ହିନ୍ ନାଇଁ।
ଅଗନ୍ ଦିଅ-
ବସ୍ତର୍ ଦିଅ-
ପାଏନ୍ ଦିଅ-
ଘର୍ ଦିଅ-
ଜମିନ୍ ଦିଅ-
ହଲ ଦିଅ-
ବିହନ୍ ଦିଅ-
ଚାସ୍ କର୍ବାକେ ଲାଗ୍ ଦିଅ।
ଲାଗ୍ କେନ୍ତେହି ନାଇଁ ସୁଝ୍‌ମୁ,
ତାହିଁର୍ ଲାଗି ଉପେ ଦିଅ।

× × ×

ତୁମେ ଆମ୍‌କୁ ଇସ୍‌କୁଲ୍ ଦିଅ,
ପାଠ୍ ପଢବାର୍‌କେ ସାହାଜ ଦିଅ।
ନୌକିରି ଦିଅ।
ଜଦି ନୌକିରି ନାଇ ଦେଇ ପାର୍ବ,
ବେକାର୍ ବଲି ଭତ୍ତା ଦିଅ।

× × ×

ଜାହା ପାରୁଛ ଗାଲିଦିଅ,
ହେଲେ ଆମ୍‌କୁ ଭୋଟ୍ ଦିଅ।
ଜୁର୍‌ଚି ନ ବସ୍‌ବାର୍ ଲାଗି,
ଥରେ ବାଗିର୍ ଚାନ୍‌ସ ଦିଅ।

Digitized by parbasikutum@gmail.com

× × ×

ତୁମର୍ ଫିଇର୍ ହାତ୍ ଆନି,
ଆମର୍ ହାତେ ଧରେଇଦିଅ-
ଗାଡି ଦିଅ-
ଟିଭି ଦିଅ-
ଫ୍ରିଜ୍ ଦିଅ-
କୁଲର୍ ଦିଅ-
ଜାହା ପାର୍‌ବ ସବୁ ଦିଅ ।
ସବୁଠାନୁ ଅସଲ୍ କଥା-
ଟିନ୍ ଗୁଟେନ କିସ୍ତାନି ଆଉର୍
ଗୁଟେ ପୁତା ନିଆଁଖାଡି ଦିଅ ।
ସାହାସ ଦିଅ-
ଦମ୍ ଦିଅ ।
ହାତ୍ ପତେଇ କରି ମାଗ୍‌ବାର୍ ଲାଗି,
ଆମ୍‌କୁ ଜେନ୍ତା ଲାଏଜ୍ ନାଇଁ ଲାଗ୍‌ବା,
ସବୁଦିନେ-
ସବୁଠାନେ-
ଆମେ ଇନ୍ତା ମାଗୁଥିମୁ ।

□ □ □



Digitized by parbasikutum@gmail.com

## ବଜେଟ୍

ନୁଆଁଖାଇ ନୁଆଁ କଥା ନୁହେସେ।
ଭୁଦୋମାସର୍ କୁଦୋ ହାଁଡିନ,
ଜେତେବେଲେ ଆଁ ଜଲେ ବଡିସ୍ ଦାଁତ୍ ଦିସୁଥିସି.
ନୁଆଁଖାଇ ହଁସି ହଁସେଇ କରି ଆଏସି।
କୁରେ ଆଉର୍ ମହୁଲ୍ ପତର୍ ଭିତ୍ରେ
ଇ ନୁଆଁଖାଇ ଆମ୍‌କୁ, ତୁମ୍‌କୁ, ସମ୍‌କୁ
ମଟର ବାଗିର ସାଏଁଜଲା ମେଲିଗଲା
ସମିଆକେ ଥରେ ସୁରତା କରାସି।
ବଁଧି କଟାର୍ କଲିଆ ପାଏନ୍,
କଇଁ ଫୁଲର୍ ମୁଲୁର୍ ମୁଲୁର୍ ହଁସି,
ଖେତର୍ ଆରି କାଏଁସ୍ ଫୁଲର୍ ଧାଡି।
ଭୁଦୋମାସର୍ କାଜର୍ ପବନ୍,
ଧାନ୍‌ଗଛ୍ ଆଉର୍ ମୁଗ୍ ମଗ୍‌ଫଲି,
ଲହରି ଲହରି ଗିତର୍ ସୁରେ ସୁରେ,
ନାଚୁଥିସନ୍ କେଡେ ମଜାର୍।
ଗରିବ୍ ଚସା ସେମାନ୍‌କୁ ଦେଖୁଥିସି।
ଠିଆ ଧାନ୍‌କେ ଦେଖିକରି,
ବଛର୍ ଟାକର୍ ବଜେଟ୍ ବନାସି।
ତାର୍ ସେ ବଜେଟ୍ ଭିତ୍ରେ
ନୁଆଁଖାଇ ଭି ଥିସି।
କେତେ ପିଠା ହେବା,
କେତେ ଜଉ ହେବା,
ତୁନ୍‌ସାଗ୍ କେତେ କେତେଟା ହେବା
ସବୁ ତାର୍ ବଜେଟ୍ ଭିତ୍ରେ ଥିସି।
ମାହାପୁରୁ ଗୁଡିକେ ଭୋଗ୍ ଦେଲା ବେଲ୍‌କେ,
ନରିହା, ହଲିଆ, ଝାଁକର୍, ଚୌକିଦାର୍‌କେ
ଅଢିଆ ଦେଲା ବେଲ୍‌କେ,

Digitized by parbasikutum@gmail.com

ସବୁ ତାର୍ ୪୦ଟିଙ୍କେ
ଦେଖାକରି କର୍‌ସି।
ତାର୍ ଚୋଟେର୍ ବଡ଼୍‌ଶୀ ଦୁଲିନ,
ଗୁଚସ୍ ଗୁଲ୍ମା ଚେଲ୍‌ଚେଜ,
ସେ ମନେ ମନେ ଗୁହାରି କର୍‌ସି-
-ମାଗୋ ! ବଛର୍ ଗୁଟେ ଚଲେଇ ନେବୁ,
ବଜେଟ୍ ଜେତା ସଟ୍ ନାଇଁ ମାରବା,
ବାକି ସବୁ ଉପର୍ ବାଲାର୍ ହାତେ।-

□ □ □



Digitized by parbasikutum@gmail.com

## ଗୁଲାମ୍

ତୁମ୍‌କୁ ସେ ଦିନ ମୋର୍ ମନ୍‌ଟା
ବାଁଧା ଦେଇ ଦେଲି
ସାଦା କାଗଜ୍ ଉପ୍ରେ ଦସ୍ତଖତ୍ କରିଥିଲି ।
ତୁମର୍ ମନ୍‌କେ ଜାହା ଲାଗ୍ଲା
ସେ କାଗଜ୍ ନ ଲିଖ୍ଲା
ହେପାଜତନ ତଖ୍ମି ଚଲି ଜଉହେଲା ।
ମୁଇଁ ତୁମ୍‌କୁ ସତ୍ ଜାଲି
ମୋର୍ ମନ୍‌ଟା ଦେଇଦେଲି
ରାଜ୍‌ପାଟ୍ ସବୁ ଛାଡ଼ିକରି
ଚଉଦ ବଛର୍ ବନ୍‌ବାସ୍ ଜାଲି
ମହୁଲି ଖାଇ ମାତାଲ୍ ହେଲି
ଚାଉଲି ଖାଇ ଇଜ୍ଜତ୍ ଗୁଆଁଲି
ଇହାଦେ ---------
ହାତି ଖାଇଥିବା କଏଁଥ୍ ବାଗିର୍
ସଡ଼କ୍ ଉପ୍ରେ ପଡ଼ିଛେଁ ।
ମନ୍ ପଲେଇ ଗଲେ ଇନ୍ତାହେସି
ମୁଇଁ କେନ ଜାନିଛେଁ ।
ମୋର୍ ମନ୍ ଆଉର୍ ମୋର୍ ନୁହେସେ
ରିଝି ଜାଇଛେ ତୁମର୍ ରସେ
ତୁମର୍ ବଜାର୍ ସୁରେ ସୁରେ
ମୁଇଁ ନାଚୁଛେଁ ତୁମର୍ ବୁଲେ
ତୁମର୍ କଥାନ ହୁଁକାର୍ ଦଉଛେଁ
ମୁଇଁ ନାଇନ ମୋର୍ ସୁରେ ।
ତୁମେ କେତେବେଲେ ମତେ ନେଇକରି
ବସେଇ ଦଉଛ ଗାଦିନ
ଆଉର୍ କେତେବେଲେ ଜୁଗେଇ ଦଉଛ

Digitized by parbasikutum@gmail.com

ସୁଇନ୍ ଟିକ୍ରା ମତଘାଟିନ
ମୋର୍ ଭିତ୍ରର୍ ମାନ୍ ଅଭିମାନ୍
ତୁମେ କେଭ୍ରୁ ନିଲାମ୍ କରି ଦେଲନ।
ମୁଇଁ ଖାଲି ଗୁଲାମ୍‌ଟେ।
ହୁକୁମ୍‌କେ ହାଜର୍ ହଇ
ତୁମର୍ ପାହାତଲେ ମୋର୍ ଦିନ୍ ମାନ୍ ସରୁଛେ।
ତୁମେ ହାତ୍ ଟେକି ଜରି ଜାହା ଦଉଛ
ମୁଇଁ ମହାପରସାଦ୍ ବଲି ସେବା କରୁଛେଁ,
ଅଏତ୍‌କା କିଛି କହେବାର୍ ଲାଗି
ମୋର୍ ତାକତ୍ ନାଇନ।
ମୁଇଁ ଆଉର୍ "ମୁଇଁ" ହେଇକରି ନାଇନ
ମୋର୍ ଭିତ୍‌ରର୍ "ମୁଇଁ" ମରିଗଲାନ।



❑ ❑ ❑

Digitized by parbasikutum@gmail.com

## ନର୍ଦା

ହେତୁ, ଚେତା, ସ୍ମୃତୀ,
ଘର୍ ଭିତ୍ରେ ମାର୍‌ଧର୍ ହଇ
ଘୁଟେ ଘୁଟେ କରି ପଳେଇ ଜାଉଛନ୍।
ତାକୁ ଥିବାର୍ ବିନାର୍ ତାର୍ ସବୁ
ଛିଡି ଛିଡି ଗଲାନ।
ମୋର୍ ଆକାସ୍ ନ
ବେଲ୍‌ଟା ଲେବୁଡ୍ ଲେବୁଡ୍।
ଯାଦେ ତିନ୍ ହାତର୍ ମାଟିର୍ ଲାଗି,
ମୋର୍ ନର୍ଦା ନର୍ଦି ଚାଲିଛେ।
ମୋର୍ ଆଉର୍ ଦର୍କାର୍,
ଆଉର୍ ଦର୍କାର୍।
ବେଲ୍ ତ ବୁଡ୍‌ବାର୍‌କେ-
ବନିହା ସମିଆ ଅଛେ।
ସଥେ ମୁଇଁ ପୁହୁଚି ପାର୍ମି ?
ଗତା ହଇଥିବା ପତାକା,
ପବନ୍ ନ ଲହରି ଲହରି ଉଡୁଛେ।
ମୋର୍ ମନ୍ କହୁଛେ,
ମୁଇଁ ପୁହୁଚିମି
ସଭେ ମୋର୍ ଚାହିଁ ଆଡେ ତହଁକଉଛନ୍।
ସେମାନଁକର୍ ତାଲି, ସିଟି, କିର୍ଲାବୁବା,
ମତେ କିଛି ନାଇଁ ସୁଭ୍‌ବାର୍।
ମୋର୍ କାନ୍ ଦୁହିଟା ଭାଏଁ ଭାଏଁ କରୁଛେ।
ଗୁଡର୍ ତଲେ ଫୁଲା ପଡିକରି,
ପୁର୍ ପୁର୍ ଛାଲ୍ ଉଁଚଲି ଗଲାନ।
ମୁଇଁ ନର୍ଦୁଛେଁ।
ଇ ନର୍ଦାନର୍ଦିନ



Digitized by parbasikutum@gmail.com

ମୁଇଁ ଏତେକି ମାତି ଗଲିଲେ
ମୋର୍ ଚାହିଁଥାଲେ କାଣା ଅଛେ
ମୁଇଁ ଦେଖି ନାଇଁ ପାରୁଁର୍।
ମୋର୍ ନିଘାଟ ଲାଲ୍ ଜରଜର୍ ପତାକା ନ।
ନିସା ଅଛେ, ଆସା ଅଛେ,
ଦମ୍ ନାଇଁ ଥାଇକରି, ଭର୍ସା ଅଛେ।
ମୋର୍ ଆଁଖିର୍ ତଲେ,
ଜୁଲ୍‌ଜୁଲିଆ ପୋକ୍ ଉଡିବୁଲୁଛନ୍, .
ମୁଇଁ ଖାଲି ନର୍ଦୁଛେଁ।

❑ ❑ ❑



Digitized by parbasikutum@gmail.com

# କବିତା

୧

କବିତା !
ସେ ଦିନ ମୁଇଁ ତୁମ୍‌କୁ ଦେଖିଥିଲି
ବଢେ ସୁଁନ୍ଦର ବଗିଚା ଗୁଟେନ-
ତୁମେ ଗୁଲାପ୍ ଫୁଲ୍ ହେଇ ଫୁଟିଥିଲ ।
ସକାଲର୍ କାକର୍ ନ ଗାଧି ପାଧି କରି
ତୁମେ କେତେ ଅଏନ୍ ଦିସୁଥିଲ ।
ତୁମର୍ ସେ ଛନ୍‌ଛନିଆ ଚେହେରା ଦେଖି
ତୁମ୍‌କୁ ମୁଇଁ କେତେ ଭଲ୍ ପାଇଥିଲି ।
ମୋର୍ ମନ୍ ହେଲା-
ତୁମ୍‌କୁ ଥରେ ଧରତି ।
ମନ୍ ଭଏର୍ ଗେଲ କରତି ।
ତୁମର୍ ସେ କଅଁଲି ଗାଲ ଉପ୍ରେ
ସହେ ହଜାରେ ଚୁମା ଦେତି ।

୨

କବିତା !
ତୁମ୍‌କୁ ପାଏମି ବଲି ହାତ ବଢାଲି ।
ଅଚ୍ଛିଆ ସୁନାରି ସୁନା ପିଟୁନ୍‌ପିଟୁନ୍
ହାତର୍ ଆଁଗୁଠ୍‌ନ ହାତୁଲ୍ ମାଡ୍ ପଡ୍‌ସି ।
ହାତ୍ କୁଟ୍‌କୁଟା ହେସି ।
ମୋର୍ ହାତର୍ ସବୁଆଡେ
କଁଟାର୍ ଆଘାତ୍,
ଗଜଡ୍ ସର୍‌ସର୍ ।
ସବୁ ଗଜଡ୍ ନିଥିରି କରି
ତୁମର୍ ଗଛତଲେ ପଡ୍‌ଲା ।
ସେଥିର୍ ଲାଗି ମୋର୍ ଦୁଖ୍ ନାଇନ ।

Digitized by parbasikutum@gmail.com

ଝିଙ୍କି ଡାଳର୍ ଫୁଲ୍ ବଦର୍ ଚୋଙ୍କରେ
ତୁମେ ଦେଖୁଛ ଲାଲ୍ ହଳଦି
ଆଉର୍ ହଟି ଲାଲ୍ ହେଇ ଯାଏଚ
ମୁଇଁ ବଢେ ଉପର୍ ହେଟି।

୩

ଉଡିଶା!
ମୁଇଁ ତୁମ୍‌କୁ ଭାଏଁ ହେଲାଜେ
ଏବ୍‌ଜି ଭଲ୍ ପାଏଲି!
ତୁମର୍ ସାଁଗେ ମୋର୍ ଜନମ୍ ଜନମ୍ ଭାବ୍।
ତୁମ୍‌କୁ ଛାଡି ମୁଇଁ ବଁଚି ନାଇଁ ପାରେ।
ତୁମେ ମୋର୍ ଛିଣ୍ଡ୍‌ଲା କୁରିଆ ନ
ରାଜ୍‌ରାନି ହଇ ରହିଥା।
ମୁଇଁ ମୋର୍ ଦିହି ଭାଜର୍ ସବୁରକତ୍ ଦେଇ
ତୁମ୍‌କୁ ସୁଁଦର୍-ଆଉର୍ ସୁଁଦର୍ କରି ରଚ୍‌ମି।
ମୁଇଁ ଗରିବ୍ ହେଲେବି ଦୁର୍‌ବଲ୍ ନୁହେସେ।
ତୁମ୍‌କୁ ମୁଇଁ ହେପାଜତ୍ ନ ରଖ୍‌ମି।
ତୁମର୍ ବାସ୍ନା ଚାରିଆଡେ ଚହଟିବା।
ତୁମ୍‌କୁ ସଭେ ସେନେ କର୍ବେ।
ତୁମର୍ ମୁଁଡେ ସକାଲର୍ ଭାଜର୍ ଚାଗିର୍,
ହିରାର୍ ମଥାମଣି ଚମ୍‌କୁ ଥିବା-
ଆଉର୍ ତୁମର୍ ଗଛତଲେ-
ମୋର୍ ସବୁ ରକତ୍, ମାଉଁସ୍, ହାଡ୍
ଟୁକୁଡା ଟୁକୁଡା ହେଇ ଗଦା ହେଇଥିବା।

❑ ❑ ❑



Digitized by parbasikutum@gmail.com

# ମୋର୍ ଗାଁ

ସେ ଠାନ୍ ଜାଣା ଅସାର୍ ଠାନ୍ ?
ଜେନ ପୁସାଁ ପୁସାଁ ହେଇ ମୋର୍ ନିଜର୍ ଲୁକେ
ଜେତେ ପୁସାଁ ରହି ଆଏଲେନ -------- ? ?
ଜେନ ମୁଇଁ ଜନମ୍ ହେଲି,
ପହେଲା ଜରି ମାଏଟ୍ ଛିଇଁଲି,
ଅଏଁ ଅଏଁ କରି କାଁଦ୍ଲି,
ମୋର୍ ନାହିକେ କାଟିକରି,
ମୋର୍ ମାଆର୍ ଠାନୁ ଅଲ୍ଗା କଲେ,
ସେ ମାଏଟ୍ ଜାଣା ମାଏଟ୍ ନୁହେସେ ?
ଜେନ୍ ମାଟିର୍ ପାଏନ୍-ପବନ୍,
ଖେତ୍-ଖଲା, ଝାର-ଜଁଗଲ୍,
ସାଗ୍-ଭାତ୍, ଚାଲ-ଚଲନ୍,
ମାଏନ-ଧାଏନ, ସାଁଗ୍-ସୁଖ୍,
ସବୁମତେ ମୁନୁସ୍ କରି ଗଢ୍ଲା-
ସେ ମାଏଟ୍ ଜାଣା ମାଏଟ୍ ନୁହେସେ ?
ଆଝିର୍ ସବୁ ଜଲ୍ଜଲ୍ ହେଇ ଦିସୁଛେ ।
ଦର୍ଘଁଡିଆ ଦର୍ପଟିଆ ମନେ ପଡିଜାଉଛେ ।
ବନେ କରି ସୋର୍ ହେଲାଜି,
ମୋର୍ ଜନମ୍ ଠାନ୍,
ମୋର୍ ଗାଁ-ମାଁ,
ସବୁ ମୁଇଁ ଛାଡି ଆଏଲି ବନିହା ଧୁରେ ।
କୁଆ ଗୁଡାନ କୁଇଲି ଗରା ପାର୍ଲା ବାଗିର୍,
ଡେନା-ପଏଁଖି ଗଜ୍ରିଲ୍ଲେ,
ଦର୍ଖଁଡିଆ ଉଡି ଜାଲ୍ଲେ,
ସେ ଜେନ୍ତା ଉଡିଜାଏସି ଦୁସୁରା ଠାନ୍କେ,
ମୁଇଁ ହେନ୍ତା ଉଡି ଆଏଲି ।
ପାଠ୍ ପଢ୍ମି
ମୁନୁସ୍ ହେମି



Digitized by parbasikutum@gmail.com

ସଂଧାରେ ନା' ଭେଁ,
ପାଁଚ୍ ଝନେ ଝରେ ହେମି,
କୁଇଲି ବାଗିର୍ ମଧୁର୍ ସୁରେ ଗିତ୍ ଗାଏମି-
ଇ ବାସ୍ନା ମୋର ମନ ଭିତ୍ରେ ବନ୍ଦଟ୍ ଥିଲା।
ଇହାଦେ ସବୁଖାଲି ଫାଁକା ଫାଁକା।
ଇ ଭିତ୍ରେ ସଥେ ଜେତା ମୋର୍ ନୁଆ ଜନମ ହେଇଛେ।
ସବୁଜେତେ ଜେନ୍ ଜନମର୍ କଥା ବାଗିର୍,
ଛାଏଁ ଛାଏଁ ମନେ ପଡି ଜାଉଛେ।
ମୋର୍ ଗାଆକେ ମୁଇଁ ପାସ୍ରି ଦେଲିନ।
ଗାଆଭି ମତେ ପାସ୍ରି ପାସ୍ରି ଦେଲାନ।
ଜେଭେ ଜେନ୍ତା ଗାଆକେ ଗଲେ,
ମୋର ନିଜର୍ ଲୋକ୍ ଭି ପରଘର୍ ବାଗିର୍,
ମାଏନ୍ ଧାଏନ୍ କରସନ୍।
ମୋର ଭିତର୍‌ଟା କସ୍‌କସେଇ ଜାଏସି।
ଜେତେ ପର୍‌ଜାରେ ଉପେ କଲେଭି,
ଆଗ୍ଲର୍ ସେନୋ ତୋରନ ବାଁଧି ନାଇଁ ହୁଏ।
ଆଗ୍ଲର୍ ଗଏଁଠ୍ ସବୁ ଢିଲ୍ ହେଇ ଗଲାନ।
ସେମାନଙ୍କର୍ ଚାହାନି ନ ଅକ୍ଲିଆ ଅକ୍ଲିଆ ଭାବ।
ମୁଇଁ ଆଉର୍ ସେ ଗାଆଁର୍ ନୁହେସେ-
ଜେନ୍ ଚିଡିଆଖାନାନୁ ଉଡ୍ରିଥିବା ଜଁତୁଟେ।
ସେମାନ୍‌ଙ୍କର ଚାହାନି ଦେଖି
ମତେ ମୁଇଁ ଗୁଲ୍‌ଗୁଲା ପାଏଁସି-
ଜେତେ ଅଲାର୍‌ଟେ ମୁଇଁ,
ଜେତେ ଅନାଥ୍‌ଟେ,
ମୋର୍ ମାଏଟ୍ ନ ମୁଇଁ ଅକ୍ଲିଆ-
ଜେନ୍ ମାଟି ଜନମ୍ ହେଲି
ସେ ମାଏଟ୍ ନ ମୋର ଲାଗି ଠାନ୍ ନାଇଁ।
ମରିଗଲେ ତାର ମର୍ ଘାଟିନ
ମତେ ମାଏଟ୍ ମୁଠେ ନାଇଁ ମିଲେ।
କାଁକରି ମିଲ୍‌ବା ?



Digitized by parbasikutum@gmail.com

ଜାର୍‌ଖାଇ ପିଇ ବଢ଼ିଥିଲି
ତାର୍ ଲାଗି ମୁଇଁ କାଣା କଲି ?
ଗାଁ ଗାଁ କେ ପାସ୍ରିଦେଲି,
ବିଲାସ-ସୁରେ ଗିତ୍ ଗାଏଲି,
ମତଲ୍‌ବ-ଆକାସେ ଉଡ଼ି ବୁଲ୍‌ଲି,
ରାତିର୍ ତରାକେ ପଏସା ବଲି ହିସାବ କଲି,
ମାର ପର୍‌ସବା ପର୍ କରି
ପରହର୍ ଭାତେ ପେଟ୍ ପୁରାଲି ।
ଆଝିର ମୁଇଁ ନୁରୁଛେଁ ।
ବିହା ଦିନୁ ହଜେଇ ଦେଇଥିବା
ମୋର ମାଆକେ ନୁରୁଛେଁ ।
ଖାଲି ମୁଇଁ ନୁ ହେଲୋ-
ମୋର ବାଗିର୍ ସପନ୍ ଦେଖା
କେତେଟେ କେତେ ପୋ' ଝି'
ନିଜର୍ ନିଜର ମାଆ ମାନଙ୍କୁ ନୁରୁଛନ୍ ।
ମାଆ ତାଙ୍କର ଛିଚ୍ଚା କୁରିଧାନ ପଡ଼ିଛେ ।
ଜତନ ନାଇଁ ପାତନ ନାଇଁ,
ଚିକନ୍ ନାଇଁ ଚାକନ୍ ନାଇଁ,
ଧୁଏଲ୍ ସର୍ ସର୍ ଖର୍ ଖର୍ ଖସୋ ।
ତାର୍ ହେପାଜତ୍ କର୍‌ବାର ପୋ' ଝି' ମାନେ
ଗଲେ ଯେ ଆଉର୍ ଉଲଟି ନାଇଁ ଦେଖ୍ଲୋ ।
ମାଁ ନଟ୍ର ନପାଲ୍ ଆନ୍ଧ୍ର ପଡ଼ିଛେ
ତାର୍ ଆଖିର ଲୁହୁ ପୁଛବାର୍ ଲାଗି କିହେ ନାଇଁ ନ ।
ମା'ତ ଆଏ-
ଭଲ୍‌ଗୁନା ପଛେ ସହେବା
ସାଉପ୍ ନାଇଁ ଦେଇପାରେ ।
ସେ ମାଆର ମୁଇଁ ଅଲାଏକ ପୋ'
ତାର୍ ପାହାନ୍ ମୋର ଜୁହାର୍ ।

❑ ❑ ❑



Digitized by parbasikutum@gmail.com

# ସିଆନ୍

ପୁରବ୍ ଦିଗ୍ ଲାଲ୍ ଲାଲ୍ ଦିସ୍ଲା ନ,
କଲା ଅଁଧାର୍ ଜିମି ଜିମି ହଉଛେ,
ପାହାଁତିଆନ ଝୁମୁରାଟା,
କାଲ୍ ବାଗିର୍ ମାତି ଆସୁଛେ।
ବାଟର୍ ଘରର୍ ଖଁଖଁ ଖାସି,
ଗୁଡି ଭିତରର୍ ସଁଖ୍ ଘଁଟ୍,
ମେଘର୍ ଘଡ୍ ଘଡି ବାଗିର୍-
ଲେପା ପୁଝାରିର୍ ସୁଲକ୍,
ମଧୁ ସାହୁର୍ ପର୍‌ଭାତି-
ସାଠେ ପି.ଟି.ଏମ୍. ମାଇକ୍ ଗର୍ଜୁଛେ।
ମୋର୍ ନିଦ୍ ନାଇଁ ଭାଁଗ୍‌ବାର୍।
ମୁଇଁ କୁଁଭ କରନ୍ ହଇ ଜାଇଛେଁ।
ଛ'ମାସର୍ ଖାଏବାର୍ ପିଇବାର୍,
କୁଲତ୍ ପେଟେ ଗିଲି ଦେଇକରି,
ଘୁଡା ବିକି କରି ମୁଇଁ ସୁଇଛେଁ।
ଇ ଘଡି ସଁଧି ସମିଆଟା,
ସବୁଦିନେ କାଲ୍ କର୍‌ସି।
ପୁରାନ୍ ଇତିହାସ୍ କହେସନ୍
ଜେଇ ସମିଆକେ ନାଇଁ ଜୁଗିରହେ
ସେ ନାଗେଁ ପଡି ଜାଏସି।
ମୁଇଁ ଜାନିଛେଁ।
ମୁଇଁ ପାଠ୍ ସାଠ୍ ପଢିଛେଁ।
ମୁଇଁ ଏକଥାଟା ସମ୍‌କୁ ବୁଲିବୁଲି କହେସି।
ମୁଇଁ କହେସି ବଲି ସଭେ ଜାନିଛନ୍।
ମୋର୍ ସମାଜ ନ ମାନ୍ ଅଛେ।
ମୋର୍ ଆଗେ ପଛେ,



Digitized by parbasikutum@gmail.com

ଅଏତ୍‌କା ଜିନିସ୍ ଅଛେ
ଅଏତ୍‌କା ଲୋକ୍ ଅଛନ୍
ମୁଇଁ ଉଠ୍ଲା ବେଲ୍‌କେ
ଗାଡି ବନିହା ଧୁର୍ ପଲେଇ ଜାଇଥିସି
ଲୁକେ କାମ୍ କବାର୍ ନ ପୁହୁଚି ଜାଇଥିସନ
କିଛି ଲାଭ୍ ନାଇଁ
ମୁଇଁ ନାଇଁ ଗଲେ ଲାଲ୍ ଫିତା କିଏ କାଟ୍‌ବା ?
ଲୁକେ କେନ୍ କଥା କହୁଥିସନ୍
ମୁଇଁ ନାଇଁ କହେବାର୍ ତକ୍
କିଏ ସତ୍ କରବା ?
ମୁଇଁ ଜାହା କହେମି ସେ କଥାଟା ବେଦ୍ ।
ମୋର୍ ଆଗ୍ଲିନୁ ଜେ ଜାହା କହିଥିଲେ ଭି
ସବୁ ପାନିର୍ ଗାର୍ ।
ତୁମର୍ ସକାଲ୍ ସକାଲ୍ ନୁହେସେ ।
ତୁମର୍ ସମିଆ ସମିଆ ନୁହେସେ ।
ମୋର୍ ଘଡି ସାଁଗେ-
ତୁମର୍ ଘଡିର୍ ସମିଆ ଠିକ୍ କର ।
ଇ ସକାଲ୍ ମତେ ଟାକ୍‌ବା,
ତାହାକେ ଟାକ୍‌ବାର୍ କେ ହେବା ।
ତୁମେ ତାର୍ ଆଗ୍ଲିନୁ ଜେତେ ଜାହା କିଲାବୁବା କଲେଭି
ତୁମର୍ କଥା କିହେ ନାଇଁ ସୁନନ୍
ତୁମ୍‌କୁ କଥା କହେବାର୍ ଢାଁଚା ଜନା ନାଇନ
ତୁମେ ସଭେ ବସି ଜ ।

❑ ❑ ❑



Digitized by parbasikutum@gmail.com

# ହୁର୍ଗୁନା

ମତେ ତୁମେ ଜେତେ ନ ଟାଲ ହେଲାନ।
ଗର୍ତର୍ ମାରେ ଧସ୍‌କି ଜାଇଥିବା
ଗୁର୍ଟାର୍ ପୁଆଲ୍ ବାଗିର୍
ଥର୍‌କେ ଥର୍ ମୁଇଁ ଛିଛି ବିଛି ହଇ ଜାଉଛେଁ।
ମୋର୍ ବଲ୍‌ବପୁ-
ତଲ୍ଲା ପବନେ ନିଥିଗି ପଡିଥିବା ଆଇସ୍କ୍ରିମ୍ ଖଁଡେ।
ମୁଇଁ ସେ ଦିନ ଉଜାଲାର୍ ଇସ୍ତାହାର ପଢି
ନର୍ଦି ଆସିଥିଲି।
ମୋର୍ ପେଟେ ବଜ୍‌ବଜାତେ ମହୁ ଧରି।
ମୋର୍ ବଏସ୍ ଆଉର୍ ଡିଗ୍ରିର୍ ବୟାନ୍ ଦେଖି
ସେମାନେ ମତେ ପର୍ବାନା ଦେଇଥିଲେ
ନୁଆ ହଇ ଗଢିଥିବା ତାଁକର୍ ଇସ୍କୁଲ୍‌ନ।
ହାତେ ଡିଗ୍ରିର୍ ମସାଲ୍ ଧରି ମୁଇଁ କିରିଆ କରିଥିଲି
ଇ ମାଟିର୍ ଲାଗି କିଛି କର୍ମି,
ଇ ଦେଶର୍ କାଲିହର୍ ନାଗରିକ୍‌ମାନ୍‌କୁ ଗଢମି।
ସମିଆ ଗଡି ଗଡି ଗଲା।
ଜେନମାନେ ପର୍‌ବାନା ଦେଇଥିଲେ,
ଫଗୁନର୍ ଝରା ପତର୍ ବାଗିର୍
ଗୁଟେ ଗୁଟେ ହେଇ ଖସ୍ସି ଗଲେ।
ଆଉର୍ ମୋର୍ ହାତେ ଟେକି ଦେଲେ
ଠୁଁଟା ବର୍‌ଗଛର୍ ବୋଝ।
ପାଏନ୍ ନାଇଁ, ଜତନ୍ ନାଇଁ,
ଖତ୍ ସାର୍ ଦୂରର୍ କଥା-
ମୁଇଁ ବିନା ଭୁତିନ ସେ ଗଛେ
ପତର୍ ଆଉର୍ ଫୁଲ୍ ଫୁଟାମି।
ତାର୍ ଛଏଁରାନ,



Digitized by parbasikutum@gmail.com

ସଭେ ବସି ଫୁର୍‌ସତ୍ କର୍‌ବେ।
ବରଗଛଟେ ଲଗେଇଛୁଁ ବଲି
ଚାର୍ହିଆଡ଼େ ଡିବ୍‌ଡିବି ପିଟ୍‌ବେ।
"ହାତି ଦେମି, ଘୁଡା ଦେମି,
ଚାଉଲ୍ ଦେମି, ବୁକା ଦେମି
ମୋର୍ ପିପି ବାଜ୍ ବାଜ୍।"
ପିପି ବାଜିଗଲେ ଉଡାନ୍ ଛୁ।
ମୁଇଁ ସେମାନଙ୍କର୍ ପିପି ହେଇ ବାଜୁଛେଁ।
ସେମାନେ ପିପିର୍ ସୋର୍ ସୁନୁଛନ୍।
ପିପି ସୁଖି ସୁଖି ମର୍ଡେହି ଗଲାନ।
ତାର୍ ସୋର୍ ବିଗ୍‌ଡି ଗଲାନ।
କେତେ ଦିନ୍ ଆଉର୍ ପିପି ବାଜ୍‌ବା ?

× × ×

ଇ ଭିତ୍ରେ ମୋର୍ ନୁଆ କଲେବର୍ ହଇଛେ।
ଖିଲି ପାଉଥିବାର୍ ବଲଦର୍ ଭାଉ ବାଗିର୍
ମୋର୍ ଗଡି ଜାଉଥିବା ବିହା ବଏସ୍‌କେ ଦେଖିକରି
ମତେ ହାତ୍‌କେ ଦୁଇ ହାତ୍ କରିଦେଲେ।
ଚଁଦର୍ ମୁଖିର୍ ଉଜାଲାନ
ମୋର୍ ମନର୍ ଅଁଧାର୍ ଘର୍
ଦିନାଦୁର୍ ଲାଗି ଝଲ୍‌ସି ଗଲା।
ନୁଆ ଭୁଆସେନର୍ ସାଜୋବାଜୋ ଦେଖି
ସୁଖି ସୁଖି ଆସୁଥିବା ମହୁଘରା
ଫେର୍ ଥରେ ଭରିଗଲା।
ରାନି ମାଛିର୍ ଗିତର୍ ସୁରେ ପାଲିଆ ଧରି
ମନ୍ ଭଏର୍ ନାଚ୍‌ଲା।
ତାହେରୁ ----------
ଫେର୍ ଜେନ୍ କଥାକେ ସେକଥା।

× × ×

ମାସ୍ ମାସ୍ ଧରି ମୋର୍ ମେହେନତର୍ ଭୁଟି ନାଇଁ।
ନିଜର୍ ଖାଇ ଘୋଡାର୍ ପଛେ ନର୍ଦୁଛେଁ।

Digitized by parbasikutum@gmail.com

ସେମାନେ ସଭେ ଦେଖୁ ଦେଖୁ ବଲି କହୁଛନ୍ ।
ମୁଇଁ ପାଏବାର୍ ଲାଗି ହକ୍‌ଦାର୍ ହେଇଥିଲେ ଭି
ମତେ ନାଇଁ ମିଲ୍‌ବାର୍ ।
ପଦମ୍ ଫୁଲ୍ ତୁଲ୍‌ମି ବଲି ହାତ୍ ବଢାଲେ
ସେ ଦୁର୍‌କେ ଦୁର୍‌କେ ଘୁଚି ଘୁଚି ଜାଉଛେ ।
ପେଟେ ଉଦା କପ୍‌ଡା ଦେଇ ଦେଇ କରି
ମୁଇଁ କେକେଁରେଇ ଗଲିନ ।
ମୋର୍ ଉପର୍ ଠାନି ଦେଖିକରି
ତୁମେ ନାଇଁ ଭାବ ମୁଇଁ ଆରାମ୍ ନ ଅଛେଁ ।
କପଡା ଦୁକାନର୍ ପୁତ୍‌ଲା ବାଗିର୍
ସୋ ରୁମ୍‌ନ ମୁଇଁ ଥୁଆ ହଇଛେଁ ।
ଭିତର୍ ମୋର୍ ଖୋଖ୍ଲୋଟା ।

× × ×

ମୁଇଁ ମାସ୍ଟର୍,
ମୋର୍ ହାତେ ଗିଆନ୍ ମସାଲ୍
ମିଟ୍ ମିଟ୍ କରୁଛେ,
ଟାର୍ ଦମ୍ ସରି ସରି ଆସୁଛେ ।
ତହେଭି ସଭେ ସୁଇଛନ୍ ।
ସେମାନଙ୍କର୍ ଝୁମୁରା ନାଇଁ ଭାଁଗ୍‌ବାର୍ ।
ସେମାନେ ସଭେ ଚେତି ସୁଇଛନ୍ ।
ସେମାନଙ୍କୁ କିଏ ଉଠାବା ?
ସେମାନେ କହେସନ୍
ମୁଇଁ ପରେ ସମାଜ୍‌ର ମେରୁହାଡ୍,
ହେଲେ ମୋର୍ ଖଁଜେନ୍‌ମାନେ
ଲଡ୍‌ବଡେଇ ଗଲାନ,
କାହାରିର୍ ନିଘା ନାଇଁ ।
ଇ ଲୋକ୍ ଦେଖାନିଆ ମେନି କିନ୍ ଭାବ୍-
ଦେଖୁନ୍ ଦେଖୁନ୍ କଥା ସରିଜିବା ।
ପଦମାର୍ ଗୁର୍ କହନିକେ ବୁହିଜିବା ।
ଇଟା ମୋର୍ ଚେତାବନି ନୁହେସେ



Digitized by parbasikutum@gmail.com

ଜେଷ୍ଠା ସତ୍ ମୁଇଁ ସେ କଥା କହୁଛେଁ ।
ତୁମେ ମାନିଜ ।
ତଲେ ପଡୁନ୍ ପଡୁନ୍ ସଲଖିଜ ।

❑ ❑ ❑



Digitized by parbasikutum@gmail.com

## ଫଗୁନ୍

ଫଗୁନ୍ ପାଇଛେ ନୁଆଁ ଜଉବନ୍
ସବୁଆଡେ ଲହଗୁଛେ ।
ଫଲ୍‌ସା ଫୁଲର୍ ପଅଁଲା ମାଲ୍
ଫଗୁନର ବେଁକେ ଲଁମିଛେ ।
ହୁର୍ ହୁରିଆ ପବନ୍ ସାଁଗେ
ମହୁଲ ଝାରୁ ନିଥିରି ପଡୁଛେ
ବୁଁଦା ବୁଁଦା ଅତର୍ ।
ଫଗୁନର୍ ଆକାସ ତଲେ
ସିତ୍ ଖରାର୍ ମିସାମିସି ଖେଲ୍ ।
କଁସି ଆମ୍ ଦୁଲି ଝୁଲୁଛେ
ଲହର ଝପର୍ ଗଛେ
ସମୁଦ୍ରର୍ ନିଲି ଛାତିନ
ତରା ଫୁଲ୍ ଦିସେ ।
କୁଇଲି ଗାଉଛେ ମଧୁର୍ ଗିତ୍
କୁଁଭାଟି ଧରୁଛେ ପାଲିଆ
ଟିଠେ ଟରେ ଢୋଲ ପିଟୁଛେ
ହାକେନ୍ ଦଉଛେ ଟିହା ।
ବଁଧର୍ ଆରି ହଁସର୍
ସିଲୋଲାଇ ଖେଲ୍
ବଁକ୍ ବସିଛେ ପଦମ୍ ପତ୍ରେ
ଟେକିକରି ଗୁଟେ ଗୋଡ୍ ।
ଚଁଟିଆ ଖେଲୁଛେ ଫୁଦ୍ ଡେଗାନି
କୁଆ ମାରୁଛେ ପଏଁତରା
ସେ ନୁରୁଛେ ସଜ୍ ବତର୍
ପରହର୍ ପତ୍ରେ ଆଏଁଖ୍ ତାର୍ ଟେରା ।
ପୁରୁବ୍ ଦିଗୁ ଲାଲ୍ ହେଇ



Digitized by parbasikutum@gmail.com

ଗଁଗା ଆସୁଥିବା ସୁରୁଜ
ସୁରୁଜ ମୁଖିର୍ ମହୁଝରା ଉଠର୍ ଗଁଗ୍ ସବୁ
ରାତି ଜାକର୍ ମାଖି ଦେଇ
ଦିସୁ ଅଛେ ତେଜ୍ ।
ଇ ଫଗୁନର୍ ଫଗୁ ସର୍‌ସର୍ ନୁଆ ଜଉବନ
ମନ ଭରିଆସ ଦେଖିଥିମା
ଫେର୍ ସମିଆ ମିଲ୍‌ବା ନାଇଁ ମିଲ୍‌ବା
କିଏ ମର୍‌ମା କିଏ ଜିଇଁମା ।
ସମିଆ ଥରେ ହାତୁ ଖସି ଗଲେ
କିଏ ଜାନିଛେ ! କାଏଁ ଭର୍‌ସା !
ଇ ବେଲା ବେଲି ଦେଖି ନିଅ ଥରେ ।

❑ ❑ ❑



Digitized by parbasikutum@gmail.com

## ଦତଁରା

ନିରଧୁମିଆ ଦୁଇ ପହରେ.
ଗରି ଲାଏଠ୍ ଆଉର୍ ଖିଲେଇ ଧରି.
ମୁଇଁ ଜାଇଥିଲି ।
ଧାଡି ବାଧିଁ କରି କେତେନେ କେତେ ବଁଜ୍,
ସଭେ ଗୁଟେ ଗୁଡେ ଠିଆ ହେଇ କରି,
ପାଏନ୍ ଭିତ୍ରେ ନିଜର୍ ଛାଏଁ ଦେଖୁଛନ୍ ।
ଜୁଏ ବାଗିର୍ ତତ୍ଲା ତାତି,
ପିଠିର୍ ଛାଲ୍ କଲିଆ ଛୁଟି ଗଲାନ ।
ଝାଉ ସୁର୍ଲା ଇ କାନେ ପସି
ସେ କାନ୍ ବାଟେ ବାହାରି ଜାଉଛେ ।
ଗେଁଠିଆ ଉଠର ତଲେ,
କସ୍‌ରିଆ ଦାଁତ ଦିସୁଛେ ।
ମୋର୍ ଆଏଁଖି ତ "ଫୁଇ"ନ ଅଛେ ।
ମୋର୍ ସବୁ ଦର୍କାର୍ ।
ଜେ ପତ୍ଲା ମୋର୍ କଁଟାର୍ ହାବ୍‌ଡେ,
ସଟ୍ କରି ଖିଲେଇ ଭିତର୍‌କେ ଜାଉଛେ ।
ବଢେ କାଏଦ୍ ।
ସଉକ୍ ଅଛେ ବଲି,
ସମ୍‌କର୍ ଦେଖାସୁଖା,
ମୁଇଁ ଭି ବଁଧର୍ ଆଏର୍ ଜୁଗିଛେଁ ।

× × ×

ହାଟର୍ ଭିଡ୍‌ନ ମୁଇଁଭି ପସ୍‌ରେଇ ଦେଲି ।
ପତର୍ ଗୁଟେ ଧରି ମାଛି ଧୁକୁଛେଁ ।
ବେଲ୍ ବୁଡ୍ଲା ।
ଅଁଧାର୍ ହେଲା ।
ମୋର୍ ଜିନିସ୍ ଜେନ୍ତାକେ ସେନ୍ତା



Digitized by parbasikutum@gmail.com

ଧୁଆ ହଉଛେ।
ମୁଇଁ ଖାଲି ମାଛି ଧୁକୁଛେଁ।
ମୋର୍ ଉସୁଁଚା ତୁର୍ଗୁଁଖ୍ କହେଲେ ନାଇଁ ସରେ।
ସଥେ ଜାଣା ମୋର୍ ଜିନିସ୍
ଘିନ୍‌ବାର୍ ଲାଏକ୍ ନୁହେସେ ?
ଜିହେ ଭି ମୋର୍‌ଟାକେ ଆଏଁଖି ନାଇଁ ଦେବାର୍।
ମୋର୍ ସାଁଗର ବେପାରିମାନେ
ସଭେ ଝାରି ଝୁରି କରି ପଲେଇ ଗଲେନ।
କଥା ଜାଣା ?
ସେମାନେ ସଭେ ଗରାଖି ଘିଚ୍‌ବାର୍‌ନ ବଡେ ଉସ୍ତାଦ୍।
କେତେ ରକ୍‌ମେ-କେତେ ଟିକନ୍ କଥା କହି
ସେମାନେ ସମ୍‌କୁ ବୋଧ୍ କରିଦେଲେ।
ବଅରେ ଗରାଖି,
ବଅରେ ହାଟୁଆ !
ସେମାନ୍‌କଁର୍ ଜିନିସ୍ ଦର୍କାର୍ ନୁହେସେ.
ସେମାନ୍‌କଁର୍ କଥା ଦର୍କାର୍।
ମୁଇଁ ସେଟା ମୁଲ୍‌ହୁ ନାଇଁ ଜାନେ।
ମୁଇଁ ହସୁଛେଁ କି କାଁଦୁଛେଁ
ନିଜେ ନାଇଁ ଜାନି।
ମୁଇଁ ଖାଲି ବସିକରି ମାଛି ଧୁକୁଛେଁ।
ମୁଇଁ ଖାଲି ବସିକରି ମାଛି ଧୁକୁଛେଁ।

❑ ❑ ❑



Digitized by parbasikutum@gmail.com

# ଟାହେରୁ

ଅବିନାଶ !
ତୁମେ ନାଶ ହଇ ଜାଇଛ ।
ଗଦା ଗଦା ନିଁଦା ବଦ୍‌ନାମ୍ ଭିତ୍ରେ
ତୁମର୍ ଡିଗ୍ରି ସବୁ ଖାର୍ ହଇ ଜାଇଛେ ।
ରେଡିଓ, ଟିଭି, ଫ୍ରିଜ୍,
ଗାଡି, ବଁଗ୍‌ଲା, ବେଁକ୍‌ବେଲେନସ୍
ଆଉର୍ ମୁଁଡା ମୁଁଡା ମାଉଁସ ଗଦାକେ
ତୁମେ ଆର୍ଜି ନେଇଥ‌ିଲ ।
ତୁମେ ଖଁଡ୍ ଖଁଡ୍ ଗୁଟି ଦେଇକରି
ଜେତେନେ ଜେତେ ଆଲ୍‌ସିସିଏନ୍ ପୁସିଥ‌ିଲ ।
ତୁମେ ଭାବିଥ‌ିଲ-
ସେମାନେ ସବୁ ଦିନର୍ ଲାଗି
ତୁମର୍ ହଇ ରହିଥ‌ିବେ ।
ସେମାନେ ସବୁ ଇହାଦେ
ତୁମ୍‌କୁ ଆପ୍ରି ଚିପ୍ରି କରି
ଖଁଡିଆ ଖାବ୍‌ରା କରିଦେଲେନ ।
ତୁମେ ଜେନ୍ ଦର୍ପନ୍‌ନ
ମୁହୁ ଦେଖ‌ିବାର୍ କଥା,
ନିଜେ ତାହାକେ ଖଁଡ୍ ଖଁଡ୍ କରି ଦେଇଛ ।
ନିଜର୍ ଛାଏଁକେ ନିଜେ ଦେଖ‌ି,
ଇହାଦେ ଡରି ଜାଉଛ ।
ତୁମେ ଭାବିଛ-
ବେଁକେ ରସି ଲଗେଇ ହେବ ।
ତୁମର୍ ବେଁକେ
ବନିହା ଦିନୁ ହେଲା ରସି ଲାଗିଛେ ।
ପଟର୍ ରସି / ସିଲ୍‌କେନ୍ ରସି /



Digitized by parbasikutum@gmail.com

ମିଠା ରସି / ନେଗିଜଟ୍ ରସି /
ଜାଏଁଥିର୍ ଭି ହଉ ରସି ଲାଗିଛେ ।
ଟାନି ହେଲେ ସବୁ ସେସ୍ ।
ତୁମେ ପଡିରହେବ ।
ତୁମର୍ ହାଡ୍‌କେ / ତୁମର୍ ଖାର୍‌କେ
କେନ୍‌ସି ନଦିର୍ ପାଏନ୍‌ନ
ଉହ୍ଲାବାର୍ ଲାଗି ଭି
ଲୋକ୍ ନାଇଁ ମିଲନ୍
ତାହେରୁ ---------- ?

❑ ❑ ❑



Digitized by parbasikutum@gmail.com

# ଆତ୍ମା

ସବୁକୁଟି ଜୁଏ ଜଲୁଛେ ।
ସେ ଜୁଏର୍ ଧାସେ,
ଆତ୍ମାମାନେ ଚରୁଛନ୍ ।
ଭକ୍ ଭକ୍ ହେଇ ବାହାରୁ ଥିବା ଜୁଏର୍ ହୁଲାନ,
ଖଁଡ୍ ଖଁଡ୍ ହେଇ ହାତ୍ ଗୋଡ୍ ସବୁ ପଡୁଛେ,
ଆତ୍ମା ସେତ୍କି ବେଲେ ଛଟ୍ ପଟ୍ଉଛେ;
ତହେବି ସେ ଚରୁଛେ ।
ସଏତାନର୍ ସର୍ଦାର୍ ହଁସୁଛେ,
ତାର୍ ହଁସିର ସବଦ୍ ନ ଗୁଲି ଫୁଟୁଛେ,
ହିମାଲୟର ଛାତିନୁ ପଥର୍ ଖସୁଛେ,
ତଲେ ଥିବାର୍ ଆତ୍ମାମାନ୍‌ଙ୍କର୍,
ଦିହି ମୁଁଡ୍ କୁଚ୍ କୁଚା ହଉଛେ,
ଆଁଖିର୍ ତରେ ଧାର୍ ଧାର୍ ହେଇ ରକର୍ ଝରୁଛେ,
ତାର୍ ଛାତିଫଟା ସବଦ୍ ସୁଭୁଛେ,
ତହେବି ଆତ୍ମା ଚରୁଛେ,
ଆଉର୍ ସଏତାନ୍‌ର ସର୍ଦାର୍
ମାହା ଉସତ୍ ନ ହଁସୁଛେ ।
ଅଭାବର୍ ପିସାଚ୍ ମାତିଛେ ।
ଜଁଗଲି ପୋଡ୍ ବାଗିର୍ ତାର୍ ଉତ୍ପାତ୍‌ନ
ଧୁଏଲ୍ ଉଡୁଛେ ।
ସେ ଧୁଏଲ୍ ଭିତ୍ରେ ଘାଟିଁ ହଇଥିବା ମୁନୁସ୍
ବଁଚିବାର୍ ଲାଗି ବାଟ୍ ନୁରୁଛେ ।
ଜେନ୍ ଆଡ୍‌କେ ଗୋଡ୍ ବଢାଲେଁ ଖାଲି ଅଁଧାର ଆଉର ଅଁଧାର
ସେ ଅଁଧାର୍ ଭିତ୍ରେ ତାମ୍‌ତି ତାମ୍‌ତି
ସେ ନୁରୁଛେ ଦାଏଲ୍ / ଚାଉଲ୍ / ସାଗ-ଭାଜି
କେତେ ବେଲେ ମିଲୁଛେ କେତେ ବେଲେ ନାଇ ମିଲବାର
ତହେବି ଆତ୍ମା ଚରୁଛେ ।

୪୦

□ □ □

Digitized by parbasikutum@gmail.com

# ଗୁପୁଲୁ

ମୁଇଁ କେତେବେଲେ ଘରୁ ବାହାରି
ସବୁ ଠିକ୍ ଠାକ୍ ଥିଲା ।
ମୋର୍ ମନ୍ ଭିତ୍ରେ ଧୂଏଲ୍ ମାଏଲ୍ କିଛି ନାଇଥିଲା ।
ସବୁ ସାଫ୍ ସୁତ୍ରା,
ସବୁ ନିରୋଲ୍ ।
ଥୁଡେ ବାଟ୍ କେତେ ଅଏନ୍ ଆଏଲି ।
ଜାହିଁ କେନ୍‌ସିନ ଅଲ୍‌ଝଟ୍ ନାଇଁ ।
ସମିଆ କାହାକେ ନାଇଁ ଟାକେ ।
ମୋର୍ ବାଟ୍ ଚଲା ଆଉର୍ ସମିଆ
ଗୁଟେ ଧାରେ ଚାଲୁଥିଲେ ।
ଚାଏର୍ ଛକ୍ ନ ମୋର ବୁଦ୍ଧି ବନା ହେଇଗଲା ।
ମୁଇଁ କାହାକେ ଗୁଟେ ପଚ୍ରାଲି ।
ସେ ମତେ କେନ୍ ବାଟ୍ ବତେଇ ଦେଲା,
ମୁଇଁ ଅଥା ହଇଗଲି ।
ମୁଇଁ ଗୁପୁଲି ଗଲି ।
ଗୁପାଗୁଲାନ ପଡିଗଲି ।
ବନା ଲହ ମାଡିକରି ବନାହେଲି ।
କାହାକେ ଆଉର୍ ଦୋସ୍‌ଦେମି ?
ମୋର ହାତେଁ ମତେ ମୁଇଁ ହଜେଇଦେଇଛେ
ମୋର୍ ବାଟ୍‌ଚଲା କେତେବେଲେ ସର୍ବା ?
କେତେବେଲେ ପୁହୁଁଚିସି ?
ସବୁମିତେ କାଲ୍ ବାଗିର୍ ମାଡି ଆସୁଛେ ।
ପଁଛିମ୍ ଦିଗ୍ ଲାଲ୍ ଲାଲ୍ ଦିସୁଛେ ।
ପୁରୁବ୍ ଆଡୁ କଲା ଅଁଧାର ମାଡି ମାଡି ଆସୁଛେ ।
ମୁଇଁସେ ଚାଏର୍ ଛକ୍‌ନ କିଁନ୍ଦୁଛେଁ ।
ମୋର୍ ଆଗେ କିହେ ନାଇନ !
ମୋର୍ ପଛେ କିହେ ନାଇନ ।
ସମିଆ ସରି ସରି ଜାଉଛେ ।
ବାଟ୍ ଚଲା ମୋର୍ କେନକେ ସେନ ଥମି ଜାଏଛେ ।

□ □ □



Digitized by parbasikutum@gmail.com

# ଦେବ୍‌କି

ଜଜାଁଲର୍ ଜହଲ ଘରେ,
ହାତେ ଗୁଡେ ଲୁହାର୍ ସିଁକିଲା,
ହଜାରେ ନିତି ନିୟମର୍ ପହରା,
ଦେବ୍‌କି ହରଦଁଗା ହଇ ପଡିଛେ ।
କାହାକେ ସେ ବୋଧ୍ କରବା ? -------
ଦୁଃଖର୍ ପାହାଡ୍ ବାଗିର୍ ଲଦି ହଇଥିବା
ତାର୍ ଗରିବ୍ ଭାଏ କଁସ୍‌କେ
ଦିନ୍ ଜାକର୍ କବାର୍ କମ୍ ବଁଧନେ ବାଁଧିହଇ
ରାତି ତାର୍ ମୁହୁ ଦେଖିକରି ବୋଧ୍ ହଉଥିବା
ତାର୍ ବସୁଦେବ ରଜାକେ
ଜନମ୍ ହଇ ବଁଚିବାର ଲାଗି
ସିଲ୍‌ସିଲ୍ ପାନ୍ ନ କଟରେଇ ହଇ ଛଟ୍ ପଟଉଥିବା
ତାର୍ ବାଲୁତ ଛୁଆମାନ୍‌କୁ -------- ? ? ?

× × ×

ଗୁଡୁ ମୁଡ୍ ତକ୍ ସଜେଇ ହେଇ,
ହାତେ ଲମାଁର୍ ଭହ୍ନା ଦେଇ,
ଅଁଟେ ଅଟେ ସପନ୍ ନେଇ,
କୁଆଁରି ମନ୍‌କେ ବୁଝେଇ ସୁଝେଇ,
ସେ ଜେତେବେଲେ ସଗ୍‌ଡେ ବସ୍‌ଲା,
ସାସ ଘର୍‌କେ ଲଁବି ଆଏଲା
ସେ କାଣା ଜାନିଥିଲା
ଏତେବଡ ଦୁଃଖି ଭଗାରି ହଇ
ହଲିଆ ହଇଛେ ।

× × ×

ତାର୍ ଚାହିଁଆଡେ
କଲା ଝିମ୍‌ଝିମ୍ ଅଁଧାର୍
ଆସାର୍ ଆକାସେ

❑ ❑ ❑



Digitized by parbasikutum@gmail.com

ମୁଠା ମୁଠା ବାଦଲ୍
ଜିବନର୍ ଧାରେ
ଅଛ୍ଵା ଅଛ୍ଵା ବର୍ଷା
ଘମିଆ ଜମୁନା
ଫେଫେଲେଇ ଫେଫେଲେଇ ଉଛୁଲୁଛେ
ଆର ପାରେ --------
ସୁନାର୍ ସକାଲ୍ ଡାକୁଛେ
ମଧୁର୍ ରାଗେ ସୁଖର୍ ବଁଶି ବାଜୁଛେ
ଘର୍ ଭିତ୍ରେ ସୁଇନ୍ ହାଁଡି ଛଟ୍‌କୁଛେ
ସେ ହାଁଡିକ ବୁହିକରି,
ସେ ତାର୍ ଛୁଆକେ ପାର୍ କର୍ବା ।
ଆଉର୍ ସେ ଛୁଆ-
ସଂସାରର୍ ପୁତ୍‌ନାର୍ ଥନୁ ବିସ୍ ଘିଚ୍‌ବା,
ମାତିଥିବାର୍ ବଦ୍‌ମାସ୍ ଷଁଢର୍ ଟାନ୍ ଭାଁଗ୍‌ବା,
ସରବଗ୍ରାସି ଦୁରନିତି ଅଘାର୍ ମୁହୁକେ,
ଚିରିଫାରି କରି ଦୁଇ ଖଁଡ୍ କର୍ବା ।
କାଲ୍ ବାଗିର୍ ଲମିଥିବା ଅଭାବ ଅନାଟନ୍
କଦମା ଆଉର୍ ପ୍ରଲମ୍ବାମାନ୍‌ଙ୍କୁ
ସୁନ୍ୟେ ସୁନ୍ୟେ ଫିଙ୍ଗି ଦେବା
ତାର ବଁସିର୍ ସୁରେ ସୁରେ
ମନ୍ କଦମ୍ବର ଫୁଲ୍ ଫୁଟ୍‌ବା ।
ଜାତ୍ରା ହେବା ।
ତାର ସବୁ ଭଗାରି ମାନଙ୍କୁ ତାର୍ ପୋ'
ଗୋଟ୍ ଗୋଟ୍ କରି ମାର୍ବା ।
ଦେବ୍‌କିର୍ ମନେ ଆସା ଅଛେ -
ତାର୍ ଦୁଃଖର ଦିନ୍ ସରି ସରି ଆସୁଛେ,
ସୁଖର୍ ସକାଲ ହାତ୍ ଠାରି ଡାକୁଛେ ।
ଦୁଖିଟା ସବୁଦିନ ଦୁଖି ନୁହେସେ,
ସୁଖ୍ ଦୁଖ୍ ମିସାମିସି ଜୋନ୍ ବାଟ୍ ଲଁମିଛେ,
ସେ ବାଟେ ଖାଲି ସେ ନୁହେସେ,



Digitized by parbasikutum@gmail.com

ତାର୍ ବାଗିର୍ ସଭେ ଚାଲିଛନ୍।
ଉଗ୍ରସେନ୍, ବସୁଦେବ୍, ଯସୋଦା, ରାଧା,
ଗୋପ୍, ବୃନ୍ଦାବନ୍, ମଥୁରା, ଯମୁନା -
ସମ୍କେର ଦୁଖ୍କେ ସେ ଦିହେ ବୁହିକରି,
ଲୁହାର୍ ସିଁକଲାନ ବଁଧା ହଇଛେ,
ତାହିଁ ଆଡ଼େ ହଜାର୍ ପହରା ଜୁଗିଛନ୍।
ସମିଆ ଆଏବା -
ଲୁହାର୍ ସିଁକ୍ଲା ଛିଡ଼ିଯିବା।
କାଲ୍ କୁଠ୍‌ରିର୍ ଲୁହାର୍ ଟାଏଟ୍
ଧଡ଼ଧାଡ଼ ହେଇଖୁଲିଯିବା,
ଗରିବ ବଁସ୍/ଡରହା ଉଗ୍ରସେନ୍/
ଭୋକ ଉପାସର୍ ପହରି/
କିହେ ତାର ବାଟ, ଛେକି ନାଇଁ ପାରନ୍
ଚମତ୍କାର ହଇଛେ।

□ □ □



Digitized by parbasikutum@gmail.com

# ପଲଉ

ଚାଲ ଆମେ ପଲେଇ ଜିମା.
ଦୁର୍‌କେ ଦୁର୍‌କେ ବନିହା ଦୁର୍‌କେ।
ଇ ସବୁ କେହେଲା ଆଉର୍
ବନେ ନାଇଁ ଲାଗ୍‌ବାର୍।
ସବୁ ଆଡେ ହୋହଲ୍ଲା.
ସବୁ ଆଡେ ଗାଲି ଗୁଲ୍‌ମାଲ୍.
ସବୁ ଆଡେ କଚର୍ କଚର୍.
ସବୁ ଆଡେ ହୋ ହୋ ଘୋ ଘୋ.
ସବୁ ଆଡେ ଛଲ୍ କପଟ୍.
ସବୁ ଆଡେ ଲଁଦ୍ ଫଁଦ୍।
ସୁଖର୍ ଲାଗି ମୁନୁସ୍ ବଝା।
ମୁନୁସ୍ ଭିତ୍ରେ କେତେବେଲେ କେତେ ଭୋକ୍
ଭୋଗ୍ ବିଲାସ୍‌ର ଭୋକ୍।
ରକତ୍ ପିଇବାର୍ ସୋସ୍
ସେ ଭୋକ୍ ସୁଧର୍ ହେସ୍ ନାଇନ।
ଆଝିର୍ ନୁହେସେ
ବନିହା ଦିନୁ ଅଛେ।
ମୁନୁସ୍‌ର ଭୋକ୍ ଛଡାବାର୍ ଲାଗି
ମହାବିର୍, ଗୌତମ୍ ଠାନୁ ମୁଲ୍ କରି
ସଁକର୍, ନାନକ୍, କବିର୍ ତକ୍
ଚଇତନ୍, ଦୟାନଁଦ୍ ଠାନୁ
ଗାଁଧି, ବିବେକା, ଅରବିନ୍ଦ୍
ସଭେ ନିଜର୍ ନିଜର୍ ଭାବେ
ବୁଝେଇ ସାରିଛନ୍।
ଇ ମୁନୁସ୍ ଅବୁଝାଟା।
ତାର୍ ସୁରେ ସେ ଚାଲିଛେ।



Digitized by parbasikutum@gmail.com

ଆଜର୍ ଜାର୍ ଭଲ ମଁଦ୍ ବୁଝ'ବାର୍ ଲାଗି
ସଥେ ଜେନ୍ତା ତାର୍ ସମିଆ ନାଇନ।
ଇ ସବୁ ଜଞ୍ଜା ଜମେଲା ଭିତ୍ରୁ
ମୁକ୍ଲି କରି ପଲେଇ ଗଲେ ବନେ ହେତା।
ଜେନ ଇ ସବୁ ନାଇନ
ସେନ ରହିକରି ଜିବନର୍ ବାଁକି ସମିଆ
ଚଏନ୍‌ନ ଜିଇଁ ହେତା।
ଲୋକ୍ ଆମ୍‌କୁ ପଲଉ ବଲ୍‌ବେ
ସଂସାରର୍ ଲଢେଇକେ ଡରିକରି
ପଲେଇ ଗଲେ ବଲ୍‌ବେ।
କହୁନ୍। କିଏ ମନା କରୁଛେ।
ସେମାନଙ୍କର୍ କହେବା ବୁଲ୍‌ବା ଡର୍‌ଠାନୁ
ସାନ୍ତି ପାଏବାର୍‌ଟା କାଣାବନେ ନୁହେସେ ?

□ □ □



Digitized by parbasikutum@gmail.com

# ଖବର୍

ଜୁନ୍ହା ବରସ୍ ପଲେଇଗଲା-
ସୁଖ୍-ଦୁଖ୍-ଗିତ୍ ଗାଇ ଗାଇ।
କେଲେଣ୍ଡର୍ ବଦ୍‌ଲି ଗଲା।
କିଏ କେତେ କଥା କହେଲେ।
ହେଲେ ନୁଆଁ ବରସ୍ ଜାଣା ଆନ୍ଲା ?
ଇ ପୁର୍‌ଥି ଜାହାଥିଲା,
ଜେନ୍ ଜିନିସ୍ ଜେନ ଥିଲା,
ଜେନ୍ ମୁନୁସ୍ ଜେନ୍ତା ଥିଲା,
ସକାଲ୍ ଜେନ୍ତା ପାଉଥିଲା,
ରାଏତ୍ ଜେନ୍ତା ମାଡି ଆସୁଥିଲା,
ସବୁତ ଜେନ୍ତାକେ ସେନ୍ତା ଅଛେ-
ନୁଆଁ ବରସ୍ ଜାଣା ଆନ୍ଲା ?
ସହର୍ ତଲର୍ ବସ୍ତିନ,
ବୁତଲ୍ ବୁତଲ୍ ଲାଲ୍ ଲାଲ୍ ପାଏନ୍।
କଲେଜ୍ ପାସର୍ ପାନ୍ ଦୁକାନେ,
ସହ ସହ ଟଁକାର୍ ସିଗ୍ରେଟ୍,
କାସ୍ମିର୍ ଆଉର୍ ପଁଜାବ୍‌ନ-
ଷ୍ଟେନ୍‌ଗନ୍ ଆଉର୍ ବୋମା।
କଲାହାଁଡିର୍ ଝୁପଡିନ-
ଇହାଦେଭି ଦିପ୍‌ମାନେ-
ଲିଭି ଲିଭି ଜାଉଛେ।
ଖରାମାସର୍ ମହାନଦିର୍ ପଥର୍ ବାଗିର୍
ଆଁ କଲେ ବତିସ ଦାଁତ୍ ଦିସୁଛେ।
ପତର୍ ଝରା ବମୋର୍ ଗଛର୍ କଁଟା ବାଗିର୍
ପଁଜରା ହାଡ୍ ଗୁଟେ ଗୁଟେ କରି
ଗନି ହଇ ଜାଉଛେ।



Digitized by parbasikutum@gmail.com

ପେଟ୍ ଗାଏର୍ ଆଁଗୁଲ୍ ଲାଗି
ଇଜତ୍ ମହତ୍ ନିଲାମ୍ ହଉଛେ ।
ନୁଆଁ ବରସ୍ କାଣା ଆନ୍ବା ?
ଉସତ୍ ହେସନ୍ ବଲି.
ସଭେ ଟିକେ ନାଚି କୁଦି ଗଲେ ।
କାଏଲ୍ ସକାଲ୍ ପାଏଲେ
ଫେର୍ କାଣା ହେବା ?
ଘାଏକର୍ ଲାଗି ହେଲେ.
ସବୁକେ ଇମାନେ ଭୁଲି ଗଲେ ।
ଘାଏକର୍ ସୁଖ୍.
ଘାଏକର୍ ହଁସି.
ଘାଏକର୍ ଉସତ୍,
ଘାଏକର୍ ଆନଁଦ:
ଇ ସବୁକେ ଛାଡି ଦେଲେ-
ନୁଆଁ ବରସ୍ କାଣା ଆନ୍ବା ?



Digitized by parbasikutum@gmail.com

## ଏକ୍ଲା

ମତେ ତୁମେ ପାନ୍‌ଟେ ଦିଅ
ଖାଲି ଟିକେ ଭଲ୍‌ହେବାର୍ ଲାଗି ।
ସାଗ୍ ଭାତ୍ ମୁଠେ ଖାଏବାର୍‌କେ ଦିଅ
ଜିବନ୍‌ଟାକେ ବଁଚାବାର୍‌କେ ।
ମୁଇଁ ନାଇଁ ଚାହେଁ ମହଲ୍ ଘର
ଜେତେସବୁ ଗହଲ ଚହଲ୍ ।
ମୋର୍ ଦର୍କାର ନାଇଁ ମାନ୍ ଇଜତ୍,
ପୁରସ୍କାର ଆଉର୍ ସାର୍ଟିପିକଟ୍;-
ଲୋକ୍ ଦେଖାନିଆ ବାହାବା ଆଉର୍ ତାଲି
ପରସଂସା ସାଁଗେ ମିସାମିସି ଗାଲି ।
ମୁଇଁ ଜିଇଁମି ଏକ୍ଲା କରି
ଚରେ ବାଗିର୍ ଜିମି ମରି ।
ମୋର୍ ଲାଗି କିଏ ଲୁହୁ ଗଡାବା,
ମଲା ମଲା ବଲି ବଜା ବଜାବା,
ଫଟୁ ଉପ୍ରେ ଫୁଲ୍‌ମାଲ୍ ଦେଇ,
ବାଟର୍ ଘରେ ସଜେଇ ଦେବା,
ସେସବୁ ମୋର୍ ଚାହାନା ନାଇଁ ।
ଜେତ୍‌କି ଦିନ୍ ତକ ଥିମି ଜିଇଁ,
ସାଧାସିଧା ମୁନୁସ୍ ହଇ,
ଭୋଗ୍ ବିଲାସ୍‌ନୁ ଦୁରିଆ ରହି ସଂସାରେ ଥିମି ପଡି
ଜଦି କିଛି ପୁଇନ୍ ନାଇଁ କର୍‌ମି,
ପାପର୍ ପାସକେ କାଜେଁ ଜିମି ?
ସତେ ସତେ ଚଲି ନାଇଁ ପାର୍ଲେ
ଅସତ୍‌ଠାନୁ ରହେମି ଦୁରେ ।
ଜାହାଗିର୍ ହିତେ ଇ ଜିବନ୍‌ଟା
ନାଇଁ ଲାଗି ପାର୍ଲେ ନାଇ



Digitized by parbasikutum@gmail.com

ମୁଇଁ ଜିଇଁମି ଅହିତ୍ ଠାନୁ ବନିହା ଦୁରେ ରହି ।
ମୋର୍ ବନିହା ଜବାର୍ ଅଛେ
ମାଇଲ୍ ମାଇଲ୍ ହଇ ଲଁମି ଅଛେ ।
ଚାହିଁଆଡେ ବାର ପର୍ପଁଚ୍ ଝମେଲା
ସବୁ ଜେଟେ ପାର୍ ହଇ
ସୁଖ୍ ଦୁଃଖ୍କେ ସାଁଗେ ବୁହି
ଜିବାର୍କେତ ହେବା ।
ଏକ୍ଲା ଆସିଛେଁ ଏକ୍ଲା ଜିମି
ମୋର୍ ସାଁଗେ କିଏ କାଏଁ ହେଲା ଜେ
ସାଁଗ୍ ସର୍ସା ହେବା ?



Digitized by parbasikutum@gmail.com

# ପିଜଁରା

ଆଖିର୍ ସବୁ ଆତେ ସୁନ୍‌ସାନ୍ ।
ମର୍‌ଘାଟିନ ଧୁଁ ଧୁଁ ହେଇ ଜଲୁଛେ
କାହାର୍ ମୁର୍‌ଦାର୍ ?
ସୁନା ପିଜଁରାନ ପୁସିଥିଲା ଜେନ୍ ଟରେ,
ଉଡିଗଲା ଡେନା ଝାରି ଝାରି ।
ପିଜଁରା ଆଉର୍ କାଣା ହେବା ?
ପୋ, ମାଏପୋ, ଭାଇ ଦାଇର ମନ୍‌ଭିତ୍ରେ,
ପିଜଁରା ଲାଗିର୍ ଲୋଭଟିକେ ଅଛେ ।
ସେମାନେ ହେଲେ କାଁ କର୍ବେ ?
ଟରେକେ ତ ରଖି ନାଇଁ ପାର୍ଲେ ?
ଖାଲି ପିଜଁରା କେତେ ବେଲ୍ ଝୁଲ୍‌ବା ?
ଜେତେବେଲ୍ ତକ ଘରେ ଥିବା
ମନ୍ ଭିତର୍‌ଟା ଗୁଲେଇ ଘାଁଟି ହେବା,
ଟରେ ଗଲା ଟରେ ଗଲା ବଲି,
ତତ୍‌ଲା ଲୁହୁ ଧାର୍‌ଧାର୍ ବୁହିବା ।
ଜଲେଇ ଦେଲେ ଗଲା ।
ପୁତେଇ ଦେଲେ ଗଲା ।
ସୁନାର୍ ପିଜଁରା ଦୁଇ ଦିନର୍ ଟକ୍‌ଟାକ୍
ପୁସା ସୁଆର୍ ଦୁଇ ଦିନର୍ ବକ୍‌ବାକ୍ ।
ସବୁ ଆଖିର୍ ସୁନ୍‌ସାନ୍ ।
ମର୍‌ଘାଟିନ ପଡି ରହିଛେ,
ତତ୍ଲା ଖାର୍ ମୁଠେ ।



Digitized by parbasikutum@gmail.com

## କୁର୍ଚି

ଦୁର୍ଜୋଧନ୍ ହସୁଛେ ।
ହସ୍ତିନାର୍ ସିଂହାସନ୍ ଲାଗି
ସେମାନଙ୍କର୍ ଘିଚାଟନା ଦେଖିକରି
ଦୁର୍ଜୋଧନ୍‌କେ ହଁସା ଲାଗୁଛେଁ ।
ସେମାନେ ଭାବୁଛନ୍-
ସିଂହାସନ୍ ଛଡେଇନେବେ !
ସିଂହାସନ୍ ଖାଲି ତାର୍ ଆଏ,
ଖାଲି ତାର୍ ଆଏ ।
ଜେ ଜଦି ସିଂହାସନ୍ ଉପ୍ରେ ଆଏଖି ପକାବା-
ସେ ତାହାକେ ଲାଖର୍ ଘରେ ଜଲେଇ ଦେବା ।
ଦୁସାସନର୍ ଦଲ୍‌ଦଲି ଭିତ୍ରେ ଦାବି ଦେବା ।
ସେ ଜାନିଛେ-
ଇନର୍ କର୍ଣ୍ଣମାନ୍‌କୁ ବୋଧ୍ କର୍ବା ଲାଗି
ଖଁଡେ ଖଁଡେ ରାଏଜ୍ ଦର୍କାର ।
ଗୁରୁ ଦ୍ରୋଣ ଆଉର୍ କୁର୍ପାମାନ୍‌କୁ
ବୁଢା ବେଲେ ପେନ୍‌ସନ୍ ଦର୍କାର୍
ସଲ୍ୟକେ ଖୁସାମତ୍ ଦର୍କାର୍
ବଲ୍‌ରାମ୍‌କେ ନିସା ଦର୍କାର୍
ସକୁନିକେ ପସା ଦର୍କାର୍
ଜନତାକେ ଆସା ଦର୍କାର୍
ସକୁନିର୍ ପସାକାଠିର୍ ବଫୁନ
ସେ ଜୁଢିସ୍ଥିର୍ ଆଉର୍ ଭିମ୍‌ମାନ୍‌କୁ
ବି ବସ୍ କରିଦେବା ।
ଭିସ୍ମର୍ ଟାନ୍ ଛାତି ଉପ୍ରେ ମୁଗ୍ ଦଲ୍‌ବା ।
ସିଂହାସନ୍ ନ ଜେ ବସ୍‌ତା- ସେ ଅଁଧାଟା,
ତାହାକେ ଜେ ବାଟ୍ ଦେଖାତା,



Digitized by parbasikutum@gmail.com

ସେ ଆଁ ଏଣ୍ଟ୍ ଥାଇକି କଳାପଟି ବାଁଧିଛେ ।
ଦୁର୍‌ଜୋଧନ୍, ଦୁର୍‌ପଦିମାନ୍‌କୁ,
ଜେଭେ ନିର୍‌ବସ୍ତର୍ କର୍ତା କରୁଥାଏ ।
ତାହାକେ କହେବାର ଲାଗି କିହେ ନାଇନ,
ବଚାବାର୍ ଲାଗି କିହେ ନାଇନ,
ଚେତାବାର୍ ଲାଗି କିହେ ନାଇନ ।
ନିଏର୍ ଆ ଏଁଖ୍ ଅଁଧାଟା !
ତାର୍ ନିକ୍‌ତିର୍ ପୁତୁଲାର୍ ଆଁଖି
କଳାପଟି ବଁଧା ହଇଛେ ।
ପୋ ପର୍‌ଜା ସଭେ ଚୁପ୍‌ଚାପ୍ ।
ବିରୋଧି ଲୁଚେ ବନ୍‌ବାସ୍ କରୁଛନ୍ ।
ବାକି ଜାହା ଅଛନ୍ ନିଜର୍ ନିଜର୍
ଭାଗ୍ ବଁଟା ପାଇ ତୁନ୍ ପରିଛନ୍ ।
ଦୁର୍‌ଜୋଧନ୍ ହଁସୁଛେ-
ହସ୍ତିନାର୍ ସିଂହାସନ୍‌କେ ଦେଖି
ସେ ମନେ ମନେ ଜୁଲି ଉଠୁଛେ,
ସିଂହାସନ୍ ଉପ୍ରେ ଲିଖା ହଇଛେ-
“ସତ୍ୟମେବ ଜୟତେ ।”

□ □ □



Digitized by parbasikutum@gmail.com

# ହଁସରା

"ତଲ୍ ବର୍ତା ଖସୁଛେ,
ଉପର୍ ବର୍ତା ହଁସୁଛେ,
ମଝିର୍ ବର୍ତା ଥାଇ ବଲୁଛେ,
ମୋର୍ ଦିନ୍ କାଲ୍ ଆସୁଛେ।"
ମୋର୍ ବେଲ୍‌କେ ପାହାତିଆନ
ହରିର୍ ଭଜନ୍ ଥିଲା।
ଦେ'ଦେବ୍‌ତାର୍ ଗୁନ୍, କିର୍ତନ,
ମନ୍‌ବୋଧ୍ ଚଉତିସାର୍ ସାର୍‌କଥା,
କାନେ ହେଲେ ଟିକେ ପଡୁଥିଲା।
ଗୁଡି ଭିତ୍ରେ ସଁଖ୍ ଘଁଟ୍
ବେଲ୍ ବୁଡ୍ଲେ ଭାଗ୍‌ବତ୍ ଦୁଇପଦ
ସୁନ୍‌ବାର୍‌କେ ମିଲୁଥିଲା।
ଜାହା ହଉ ଜେନ୍ତା ହଉ,
ମୁଇଁତ ଖସ୍ରି ଜିମି।
ସୁଖ୍ ଦୁଖ୍‌କେ ସାରିଦେଲିନ।
ତୁମର୍ ବେଲ୍‌କେ ନୁଆଁ କଥା-
ଡାଁଗେ ବେଲ୍ ହେଲେ,
ତୋର୍ ସକାଲ୍ ପାଉଛେ।
ଖଟର୍ ପାସେ ଭୁଆସେନ୍ ଟୁକେଲ୍
ଚାହା କପ୍‌କେ ଖଡର୍ ଖଡର୍ କଲେଁଜାକିର୍
ତୋର୍ ଝୁମୁରା ଭାଁଗୁଛେ।
ଦିନ୍ ଜାକର୍ ଲକଡ୍ ଲକଡ୍,
ପିଠିର୍ ଉପ୍ରେ ଗଧର୍ ବୁଝା,
ଲାଁଦ୍ ଫାଁଦ୍ ଲଟର୍ ପଟର୍,
ରାମାୟନ୍‌ନୁ ରାଜନିତି,
କେତେବେଲେ ବେଲ୍ ବୁଡୁଛେ,



Digitized by parbasikutum@gmail.com

କଲା ରାଏତ୍ ମାଡି ଆସୁଛେ,
ତୁଇ ଘରେ ବିଜିଲିବତି ଜାଲି
ଭାବି ନେଇଛୁ,
ରାଏତ୍‌ଟା ଅଁଧାର୍ ନୁହେସେ ।
ପାଁଚ୍ ମିନିଟ୍ ଗଲେ,
ପାବାର୍ କଟ୍ ହେବା ।
ଅଁଧାର୍ କାଣା ଜାନ୍ଲା ବେଲ୍‌କେ
ସବୁ ଗଡ୍ ବଡ୍ ।
ତାଁମ୍ଡି ହାଟ୍ଲି ଦିପ୍ ଦିଆସିଲି ନୁରୁନ୍‌ନୁରୁନ୍,
ଘର୍ ଜାକର୍ ଡବା ଢାଁଗଡ୍,
ସିସି ବୁତଲ୍,
କୁର୍‌କୁଟି ଆଉର୍ ନୁନ୍‌ଚୁନ୍ ।
ତୋର୍ ହାବାଇ ଚପଲ୍ ପାର୍‌ହଇ,
କାଚର୍ ଟୁକୁଡା ଛିଁଗ୍ଲି ଜିବା,
ତୋର୍ ଗୋଡ୍ ଖଁଡିଆ ହେବା,
ତୁଇ ହାଏ ହାଏ କରୁଥିବୁ ।
ଆଉର୍ କାଣା କଁଦା କଁଦ୍‌ମୁଲ୍ ଦେଖିବୁ,
ସବୁତ କିଲି ବିଲି ଅଁଧାର୍ ।
ତୋର୍ ବୁଧି ବୁର୍ତି ଦେଖିକରି,
ଖିସ୍ଲା ବେଲ୍‌କେଭି,
ମତେ ହଁସା ଲାଗୁଛେ ।
ବିନା ମେହେନତ୍ ନ ଗିତା ପୁରାନ୍ ସୁନ୍‌ମି ବଲି,
କେସେଟ୍ ଭିତ୍ରେ ସବୁ ଭରି ଦେଇଛୁ ।
ହେଲେ ତୋର୍ ସମିଆ କେତେବେଲେ,
ଧରମ୍‌ଟା ସଉକ୍ ନୁହେସେ ।
ମାହାପୁରୁ ଆଉର୍ ମହାପୁରୁସର୍ ଫଟୁ
ଘରେ ଟାଁଗି କରି ସଜାବାର୍ ଲାଗି ନୁହେସେ ।
କାଚର୍ ଆଲ୍‌ମାରିନ ପୁରାନ୍ ପୁଥି,



Digitized by parbasikutum@gmail.com

ସଜେଇ କରି ଦେଖେଇ ହଉଛୁ,
ତୁଇ ବଡେ ପଁଡିତ୍ ବଲି ।
ଛୁ ମନ୍ତର୍ କରି,
ଧୂଏଲ୍ ମୁଠେ ମାରି,
ତୁଇ ଲୁକ୍‌କୁ ଭକୁଆ ବନଉଛୁ ।
ତୋର୍ ମନ୍‌କେ ତୁଇ ପତ୍ରା ।
ତୋର୍ ଭିତ୍ରେ ଜେନ୍ ମାଜିସ୍ଟ୍ରେଟ୍ ଅଛେ,
ତାର୍ କଲା କୁଟର୍ ତଲେ,
ଧୋବ୍ ଫର୍ ଫର୍ ପେଁଟ୍ କୁର୍‌ତା ।
ତତେ ତ ସବୁ କଲିଆ ଦିସୁଛେ ।
ତୋର୍ ଇ ଭାବ୍ ଢଁଗ୍ ଦେଖି,
ମତେ ଖାଲି ହଁସି ଲାଗୁଛେ ।

❑ ❑ ❑



Digitized by parbasikutum@gmail.com

# ତା ହେଲେ

ଆଝିର୍ ସବୁ ଚୁପ୍‌ଚାପ୍ ।
ଦସରା ଜାତ୍ରା ସରିଗଲା ।
ମୁର୍ତି ବିସର୍ଜନ ହଇଗଲା ।
ବେଦିଟା ଖାଲି ପଡିଛେ ।
ମନ୍‌ଟା ବାଏଁ ବାଏଁ ଲାଗୁଛେ ।
ଭାବ୍‌ନା ସବୁ ଛିନ୍ ଛତର୍ ।
ଇନ ସେନ ହଇ ସବୁ ପଡିଛେ-
ଛିଟା କାଗଜ୍, ଫୁଲ୍, ଚାଉଲ୍,
ଆମ୍‌ପଟର୍, ସୁଡ୍ଲି ଆଉର୍
କେତେନେ କେତେ ।
ସଭେ ସୁଇ ପଡିଛନ୍-
ବିତ୍‌ବିତା ହଇ /
ଘାଏଲ୍ ହଇ /
ହାଏ ମାଏ ହଇ /
ଆରାମ୍‌ନ ।
ବଛର୍ ଗୁଟେ ଖସରିଗଲା,
ଜିବନର୍ ଆୟସ୍ ପାଂଜିନୁ ।
ସେଟା ତ ଆଉର୍ ଫିରି ନାଇଁ ଆସେ !
ଜାଣା କର୍ମା ?
ଟାହାକେ ସୁର୍ଟା କରି କରି ଦିନ୍ ସାର୍ମା ?
ଆଗ୍‌କେ ସୁଧ୍‌ରାବାର୍ ଲାଗି ହିସାବ୍ କର୍ମା ?
କିଛିଦିନ୍ ଆରାମ୍‌ନ ସୁଇମା ?
ସବୁ ଚୁପ୍‌ଚାପ୍ !
ସବୁ ଟୁନ୍‌ଟାନ୍ !
ସବୁ ନିସବଦ୍ !
ଇଟା ଭିତ ବନେ ନୁହେସେ ।
ଟାହେଲେ -------- ?

❑ ❑ ❑



Digitized by parbasikutum@gmail.com

# ତୁତ୍‌ରା

ଭାଇମାନେ !
ମୋର୍ କଥା ଘାଏ ସୁନ ।
ମୁଇଁ ନୁହେସେ ଜାଦୁବାଲା ।
ନାଇ ଜାନେ କରି କଲିଆ କେ ଗୁରିଆ ।
ମୋର୍ ଠାନେ ନାଇଁ ନଜର୍ ବଁଦ୍,
କାହାକେ ମୁଇଁ ଭକୁଆ ବନେଇ ପାର୍ମି ।
ଦୁଇଟାକେ ଚାଏର୍‌ଟା କରି,
ଧୁଏଲ୍ ମୁଠେ ମାରି କାଗଜ୍ ଖଁଡେକେ ନୋଟ୍ ବନେଇ ପାର୍ମି ।
ସେ ସବୁ ପାଠ୍ ମତେ ଜନା ନାଇଁ,
ତୁମେ ମତେ ପର୍ତେ କର ଭାଇ ।
ଭାଇମାନେ !
ମୋର୍ କଥା ଘାଏ ସୁନ ।
ମୁଇଁ ନୁହେସେ ପହେଲ୍‌ମାନ୍ କି ବଲ୍‌ବାନ୍ ।
ସୁଇନ୍‌ଚିତ୍ ମାରି କସ୍‌ରତ କରି
ତୁମ୍‌କୁ ମାନ୍‌ଙ୍କୁ ଦେଖାମି ।
ମୁଡ୍ ତଲ୍‌କରି ଗୋଡ୍ ଉପର୍ କରି,
ଦୁହି ହାତେ ମାଇଲ୍ ମାଇଲ୍ ଧୁର୍ ଚାଲ୍‌ମି ।
ଲୁହାର୍ ଛଡ୍ ଟଁଟି ଉର୍ପେ ଜାଁକି କରି
ଧୁନ୍ ବାଗିର୍ ଲେପାମି ।
ଦୁହି ହାତେ ମୁଦ୍‌ଗର୍ ଧରି
ସୁନ୍ୟେ ସୁନ୍ୟେ ବୁଲାମି ।
ଖଁଡା / ତରୁଆଲ୍ / ଲାଠି ବୁଲେଇ
ତୁମର୍ ମନ୍‌କେ ରିଝାମି ।
ଭାଇମାନେ !
ମୋର୍ କଥା ଘାଏ ସୁନ ।
ମୁଇଁ ନୁହେସେ ପଁଡିତ୍ ଗିଆନି,



Digitized by parbasikutum@gmail.com

ବେଦ୍- ପୁରାନ୍- ଉପନିଷଦ୍,
ତୁମର୍ ଆଗେ ଜହେମି।
ଜିବନ୍-ମରନ୍, ପାପ୍-ପୁଇନ୍,
ବନେ-ଅସାର୍, ସୁଖ୍-ଦୁଃଖ୍,
ଇସବୁ ଜେତେ ଜାଣା ଥାଏ,
ମୁଇଁ ନିଜେ ନାଇଁ ବୁଝି।
ମୋର୍ ଭିତରଟା ଅଁଧାର୍ ଥାଏକି ଉଜାଲା ଥାଏ,
ମତେ ଜନା ନାଇଁ।
ନିଜେ କିଛିତ ନାଇଁ ଜାନି,
ତୁମ୍‌କୁ କାଣା କହେମି।
ଭାଇମାନେ !
ମୋର୍ କଥା ଘାଏ ସୁନ।
ମୁଇଁ ନୁହେସେ ଦେସର୍ ସାସକ୍,
ନୁହେସେ ମୁଇଁ ତୁମର୍ ମାନଙ୍କର୍ ସେବକ୍।
ସବୁ ଦିନିଆ ଜିବନ୍ ଭିତ୍ରେ
ତୁମର୍ ଜେତେ ଅଭାବ୍ ଆଉର୍ ଉନା,
ଜେତେ ଜାହା କଲେ ହେଲେ
ମୁଇଁ ନାଇଁ ପାରେଁ କିଛି ହେଲେ ଉର୍ନା।
ଭାଇମାନେ !
ମୋର୍ କଥା ଘାଏ ସୁନ।
ମୁଇଁ ନାଇଁ ଜାନେ ବନେ କରି କଥାକହି
ମୁଇଁ ବିଲ୍‌କୁଲ୍ ତୁତ୍‌ରାଟେ।
ଜାହା କହେଁସି ଦର୍‌ଖେଁଡିଆ,
କହେଲା ବେଲ୍‌କେ ଅଟ୍‌କି ଅଟ୍‌କି ଜାଏଁସି,
ମୋର୍ କଥାକେ କିଏ ବୁଝିସି କିଏ ନାଇଁ।
ହେଥିର୍ ଲାଗି ସବୁକଥା
ନାପି ଜୁଖିକରି କହେଁସି।
ଜେନ୍ କଥା ମୁଇଁ କହି ପାର୍‌ସି।



Digitized by parbasikutum@gmail.com

ସେ କଥା ଖାଲି କହେଁସି
ଜେଣ୍ଢା ମୋର୍ ମୁହେଁ ନାଇଁ ଆସେ
ତୁନ୍ ପରି କରି ରହେଁସି ।
ମାହାପ୍ରୁ ମତେ ତୁତ୍‌ରା କଲା,
ମୁଇଁ ଭାବୁଛେଁ ବନେ ହେଲା,
କହିପାରୁଥିଲେ ଜାନ୍‌ବାର୍ ହଇ
ସବୁଠାନେ ପକେଇ ହେତି
ଲଁମ୍‌ଚଟୁ ବାଗିର୍ ଉତ୍‌ପାତ୍ ହଇ
ନେହେଲା ଠାନେ ମୁହୁ ଦେତି ।
ମାହାପ୍ରୁ ମତେ ତୁତ୍‌ରା କଲା ବଲି
କେତେ ହିନିସ୍ତା ହଟ୍ ହଟାନୁ ପାର୍ ପାଇଗଲି ।

❑ ❑ ❑



Digitized by parbasikutum@gmail.com

# ପାରାଟେ

ପାରାଟେ।
ପିଛାଲ୍ ତଲେ ଭୁଗୁଲି ଝୁଁଲୁଛେ।
ସେଟା ତାର୍ ଘର୍।
ତଲେ କୁଡେ ହାତର୍ ଗହେର୍।
ଉପ୍ରେ ମୁସାଟେ-
ଜାଲ୍ ବାଗିର୍ ଜୁଗିଛେ।
ଭୁଗଲି ବଁଧା ରସିକେ
କୁଟୁର୍ କୁଟୁର୍ କାଟୁଛେ।
ଭୁଗ୍‌ଲି ଭିତ୍ରେ ପାରାର୍ ଛୁଆ-
ଚରା ଠୁକି ନିହେ ଜାନନ୍।
ପଏଁଖ୍ ମାନେ କଅଁଲୁଛେ।
ପାରା ମୁସାକେ ଦେଖୁଛେ-
ତାର୍ ହରକତ୍‌କେ ଦେଖୁଛେ-
ତାର୍ ଛୁଆମାନଙ୍କର୍ ଗୁଲ୍‌ଗୁଲିଆ ମୁହୁକେ ଦେଖୁଛେ।
ମୁସାର କିଛି ଲାଭ୍ ନାଇନ।
ସେ ଲାଭ୍ ନୁକ୍‌ସାନ୍ ହିସାବ୍ ନାଇଁ କରେ।
ଭୁଗ୍ଲି ଛିଡିକରି ତଲେ ପଡିଗଲେ-
ପାରାର୍ ଘର୍‌ଟା ଭୁସ୍କି ଗଲେ-
ତାର୍ ଛୁଆମାନେ ମରିଗଲେ-
ମୁସାର କିଛି ଜାଏ ଆସେ ନାଇଁ।
ସେ ତାର୍ କବାର୍ କରୁଛେ।
ରସିକେ କୁଟୁର୍ କୁଟୁର୍ କାଟୁଛେ।
ପାରା ଜେତେ ଗୁଲ୍‌ଗୁଲା ହେଲେଭି
ମୁସା ମହଲତି ନାଇଁ ଦିଏ।
ଜିବନ ଜେତେ ଛଟ୍‌ପଟାଲେଭି
କାଲ୍ ତାର୍ କାଲ୍ ଆଏଲେ ଆଏସି



Digitized by parbasikutum@gmail.com

ଆଉର୍ ଜିବନ୍‌କେ ଇନ୍ତା
ଚହଲ୍ ବିକଲ୍ କରସି।
ଭୁଗ୍ଲି ବଁଧା ଜିବନ୍ ଡୋର୍‌କେ
ମୁସାର୍ ଦାଁତେ କୁଟୁର୍ କୁଟୁର୍ କାଟ୍‌ସି।
ତାର୍ ଠାନେ ଦୟା ନାଇନ।
ତାର୍ ଠାନେ ମାୟା ନାଇନ।
ତାର୍ କବାର୍ ସେ କରି ଜାଏସି।



Digitized by parbasikutum@gmail.com

# ବିଚ୍‌ରା

ବିଚ୍‌ରା !
ମରିଗଲା ।
ଗାଁ ମୁଡ୍‌ସାର୍ ବର୍‌ଗଛ ତଲେ
ଘାସର୍ ସେଜ୍ ଉପ୍ରେ ସୁଇଛେ ।
ଆରାମ୍ ନା ।
ସେନ ସେ ସବୁଦିନ ସୁଉଥିଲା ।
ଆଗ୍ଲିର୍ ସୁଇବାର୍ ଆଉର୍ ଆଝିର୍ ସୁଇବାର୍ ଭିତ୍ରେ
କେତେନେ କେତେ ଫରକ୍ ।
ଆଗ୍ଲି ଜେତେବେଲେ ସୁଉଥିଲା
ଖରା-ବର୍ସା-ସିତ୍-କାକରର୍ ଡର୍‌ଥିଲା ।
ଗାଁ'ର ବୁଲା କୁକୁର୍ ମାନ୍‌ଙ୍କର୍ ଡର୍‌ଥିଲା ।
ଆଝିର୍ ଆଉର୍ କିଛି ଚିନ୍ତା ନାଇଁ-
ଡର୍ ନାଇଁ, ଭୟେ ନାଇଁ ।
ଆଗ୍ଲି ସେ ଜେନ୍ ସୁଉଥିଲା
କିହେ ତାହାକେ ଦେଖିବାର୍‌କେ ନାଇଁ ଆସୁଥାଇ ।
ଆଏଜ୍ ଠାଟ ପଟୁଆ ଲୋକ୍ ।
କେତେନେ କେତେ ତାହାକେ ବେଢ଼ିଛନ୍ ।
କେତେ ଲୁକର୍ ମୁହେଁ କେତେ କଥା ।
କେତେ ଆହା, କେତେ ଲୁହୁ ।
ମରିଗଲେ ସତେ ଲୋକ୍ ଇନ୍ତେହି
ନିଜର୍ ହଇ ଜାଏସନ୍ !

× × ×

ସେମାନେ ଆଏଲେ ।
ସର୍‌କାରି ବର୍ଦିର୍ ଛାପ୍ ଲଗେଇ କରି
ଜେତ୍‌କି ଲୋକ୍ ଜମା ହଇଥିଲେ
ଖସିଗଲେ ।



Digitized by parbasikutum@gmail.com

ମଲା ମୁର୍ଦାର୍‌କେ ଦେଖିକରି
ଲୋକ୍ ଜେତ୍‌କି ଆହା କରିଥିଲେ
ଜିଇଁଲା ଲୋକ୍ ଦେଖିକରି ସେତ୍‌କି
ସର୍ମିଗଲେ ।
ତର୍ହେ ମର୍ହେ ଠାନ୍ ଛାଡି ପଲେଇ ଗଲେ ।
ବର୍ଦି ପିଁଧା ବାବୁ ମାନ୍‌କର୍
ସେ ମୁର୍ଦାର୍ ଉପ୍ରେ ଆଏଁଖି ।
ତାର୍ ଗୁଡୁମୁଡ୍‌ତକ ସେମାନେ ନିଘା କରୁଛନ୍ ।
କେନ ଭାଏଲ୍ କିଛିଥିବା ।
ବିଚ୍‌ରାର୍ ମୁଡ୍ ଆଡେ ତାର୍ ସେ ମଏଲା ବୁଚ୍‌କା,
ସେ ଭିତ୍ରେ ତାର୍ ଚଲ୍‌ବା ଭଏର୍‌କ ଜିନିସ୍ ପତର୍ ।
ଭୁଜ୍‌ନି ହାତ୍‌କେ ସଟେଇ ହେଇ
ଲମ୍ବି ଜାଇଛେ ତାର୍ ବାଉଁସ୍ ବାଡି ।
ଡେବ୍ରି ହାତ୍ ଜେନ ସେସ୍ ହେଇଛେ
ସେନ ପଡିଛେ ତାର୍ ସେ କୁଚ୍‌କୁଚା ଡେକ୍‌ଚି ।
ବାବୁମାନ୍‌ଙ୍କର୍ ଆଏଁଖି ପଡ୍‌ଲା
ସେ ଡେକ୍‌ଚି ଭିତ୍ରେ ।
ଖଁଡ୍ ଖଡିଆ ମେଘର୍ ଭିତ୍ରେ ତରାବାଗିର୍
ଡେକ୍‌ଚି ଭିତ୍ରେ ଆଠ୍ ଦସ୍‌ଟା ଭାତ୍ ।
ଗର୍ଜି ଉଠ୍‌ଲେ ବାବୁମାନେ-
ଗଲା ରାତି ଇତାକେ କିଏ ଭାତ୍ ଦେଇଛେ ?-
ସେମାନଙ୍କର୍ ମହରା ମିସା ଆଏଁଖି ଦେଖିକରି
ସବୁଲୋକ୍ ଚୁପ୍ ।
କାହାରିର୍ ମୁହେ ବଚନ୍ ନାଇଁ ।
କିଏ ଦେଇଛେ କିଏ ଜାନିଛେ ?
ଜାନିଥିଲେ ଭି କହେବାର୍ ଲାଗି କାହାରିର୍ ସାହାସ ନାଇଁ ।
କହିଦେଲେ କିଏ ଜାନିଛେ କାଣା ହେବା !
ଅର୍ଜଲେ ପଡ୍‌ଲେ ବନେ ଦାନ୍ ଭି ଅସାର୍ ହେସି ।



Digitized by parbasikutum@gmail.com

ସଜେ ବଡେଁ ନାଙ୍ଗଁ ଧଏଲେ
ଘି ସଏଲ୍‌ତା ଭି ହାତ୍ ପୁଡାସି ।
ସଭେ ଚୁପ୍ ।
ସମ୍‌ଜେର୍ ଟଳତ୍ ଚଏଁଦ୍ ।
ବାବୁମାନେ ଦେଖି ଚାହିଁ ଲେଖାପଢା କଲେ,
ସେମାନ୍‌କର୍ ଭାସାନ ବିତ୍ରାକେ ନା' ଦେଲେ,
'ଲାବାରିସ୍'-
ବିତ୍ରାକେ ଘିଚିକରି ନେଲେ.
ଜୁରର୍ ରଗ୍‌ଡା ଚାଲି ଗର୍‌ଗଡେଇ ଦେଲେ ।
ଆରେ, ତାର୍ ଲାଗି ଘାସ୍ ଆଉର୍ ବାଏଲ୍
ସବୁତ ସମାନ୍‌ଟା ।
ଆଏଜ୍ ସାରା ଧର୍‌ତି ତାର୍ ସେଜ୍ ।
ନିଲି ଆକାସ୍‌ର ଛାତ୍ ତଲେ
ସେ ଆରାମ୍‌ନେ ସୁଇବା ।
ଜୁଗ୍ ଜୁଗ୍ ତକ୍,
ଉଠାବାର୍ ଲାଗି କିହେ ନାଇନ,
ସେ ଆଝିର୍ ଆଉର୍ ବିତ୍ରା ନୁହେସେ ।

❑ ❑ ❑



Digitized by parbasikutum@gmail.com

# ମୁନୁସ୍

ସେମାନେ ସକ୍ରେଟିସ୍‌କେ ବିଷ୍ ଦେଲେ-
ତାର ଦୋସ୍ କାଣା ?
ସେମାନେ ଜିସୁର୍ ଦିହେ କଁଟା ପିଟିଦେଲେ-
ତାର ଦୋସ୍ କାଣା ?
ସେମାନେ ଗାଲିଲିଓ କେ କଏଦ୍ ଖାନାନ ଭରିଦେଲେ-
ତାର୍ ଦୋସ୍ କାଣା ?
ସେମାନେ ଦୟାନନ୍ଦକେ ମହରା ଦେଇ ମାରିଦେଲେ-
ତାର୍ ଦୋସ୍ କାଣା ?
ସେମାନେ ଗାଁଧିକେ ଗୁଲି ମାରିଦେଲେ-
ତାର୍ ଦୋସ୍ କାଣା ?
କିଛି ବୁଝି ନାଇଁ ହୁଏ ଇ ଅଧାଧୁନ୍ଦ୍ କଥା !
ନୁଆଁ କଥାର୍ ଲାଗି ଜେନ୍ ମୁନ୍‌ସର୍ ମନ୍ ଭିତର୍‌ଟା ଛଟ୍
ପଟଉଛେ,
ସାରା ସୃଷ୍ଟିନ କେତେନେ କେତେ ନୁରୁଛେ,
ନୁଆଁ ଜିନିସ୍‌ଟେ ପାଏଲେ-
ଗିଆନ୍ ପେରିନ ସାଏତି ରଖ୍‌ମି ବଲି ଦାବି କରୁଛେ,
ସେ ମୁନ୍‌ସର୍ କଥାର୍ କାଏଁ ସତ ?
ତାହାକେ ଜେ ନୁଆ କଥା ସିଖାସି
ହାତ୍ ଧରିକରି, ଅଁଧାର ଭିତ୍ରେ
ଡଁଲାଲି ହଉଥିବା ମୁନୁସ୍‌କେ, ଉକିଆକେ ଆନ୍‌ସି,
ସେ ମୁନୁସ୍ କେନ୍ତାଟେ କହ !
ଉଜାଲାକେ ଆଏସିକି,
ତାଟ୍ କଢୁଆଲ୍‌କେ ଅଁଧାର୍ ଭିତର୍‌କେ ଠେଲିଦେସି ।
ଖାଲି ଠେଲି ଦେଲେ ଦୁସୁରା କଥା-
କଢୁଆଲ୍‌ଟା ମରିଗଲାକି,
ମୁନସର୍ ଆଁଖି କେତେନେ କେତେ ଲୁହୁ ।



Digitized by parbasikutum@gmail.com

ସେ ଲୁହ୍ନୁକେ ବିଭିସଣୀର ଲୁହ୍ନୁ କହିପାର
ମଗର୍‌ର ଲୁହ୍ନୁ କହିପାର
କେତେ ନିଚ ଇ ମୁନୁସ୍ !
ଜାହାକେ ମାରିଦେସି
ତାର୍ ଜନମ୍ ଦିନ୍ / ମରନ୍ ଦିନ୍ ମନାସି ।
ଚିକନ୍ ଚାକନ୍ ଚପ୍ କଥା କହି ତାର୍ ଗୁନ୍ ଗାଏସି ।
କଢୁଆଲର୍ ନା'ନ ନିଜେ ଫୁଲ୍‌ମାଲ୍ ପିଁଧ୍‌ସି ।
ମୁରୁଖ୍ ଜନତାନୁ ବାହା ବାହା ପାଏସି ।
କଢୁଆଲର୍ ଉପ୍ରେ ଫାଲ୍ ଫାଲ୍ ଥେସିସ୍ ଲିଖ୍‌ସି ।
ତାର୍ ନା'କେ ଭଁଜେଇ ଭଁଜେଇ,
ପର୍‌ସଁସାର୍ ଛିଟିଆ ପଏସାନ,
ନିଜର୍ ଭୁଖା ଟ୍ରେଜେରି ଭର୍‌ସି ।
ସହରର୍ ଛକ୍ ଠାନେ କଢୁଆଲର୍ ଠିଆ ମୁର୍ତି ବନାହେସି ।
ମରିଗଲା ଉପ୍‌ରୁ ଭି ବିଚ୍‌ରାର୍ ନିସ୍ତାର୍ ନାଇଁ ।
ସେ ଠିଆ ହେଇଥିସି ।
ମେଲା ଆକାସ୍ ତଲେ ।
ଦିନ୍-ରାଏତ୍ ।
ତାର୍ ଚାର୍ହିକୁତି ଅସ୍‌କରା ଆଉର୍ ଜଗ୍‌ଡା ।
ଦିହି ଜାକର୍ ଚରେ ଚିର୍ଗୁନର୍ ଗୁହୁ-ମୁତ୍ ।
ସଥେ ଜେନ୍ତା ଇ ଜନ୍‌ତା କହୁଛେ-
-ତୁଇତ ଜିଇଁ ଥିଲା ବେଲେ
ସମାଜର୍ କେତେ ଜଗ୍‌ଡା ସଫା କରୁଥିଲୁ,
ମରିଗଲୁ ।
ଇହାଦେ ଇସବୁ ଜଗ୍‌ଡା କିଏ ସଫା କର୍ବା ?
ଆମର୍‌ତ ତୋର୍ ଗୁନ୍ ଗାଏବାର୍‌ନ ଉସ୍ତାର୍ ନାଇନ,
ଆମେ କେତେବେଲେ ଚତ୍‌ରାମୁ ?-
ଯୋର୍ ପଡ୍‌ଲେ ମୁର୍ତି ଉପ୍ରେ
କେଭେ କେନ୍ତା ରଁଗ୍ ଛଡା ଫୁଲ୍ ମାଲେ ।
ସେ ଫୁଲ୍ ମାଲ୍ ପିଁଧାବାର୍ ଲାଗି



Digitized by parbasikutum@gmail.com

ତାର ଗାଜ୍ମାର୍ ଭୁର୍ଜୁଟି।
ଫାଲ ଫାଲ୍ ଇସ୍ତାହାର୍ ଆଉର୍ ପର୍ଚାର୍।
ସେ ପର୍ଚାର୍-
ଜାହାକେ ଫୁଲ୍ ମାଲ୍ ଦିଆ ହେବା ତାର୍ ନୁହେସେ,
ଜେ ଫୁଲ୍ ମାଲ୍ ଦେବା ତାର୍ ପର୍ଚାର୍।
ମୁନସର୍ ଇ ସସ୍ତା ଢୋଲ୍ ପିଟା ଦେଖିକରି
ସର୍ଗେ ଥାଇ କଢୁଆଲ୍ ବିଚ୍ରାମାନେ
କେତେ ଉସତ୍ ହଉ ଥିବେ ?-



Digitized by parbasikutum@gmail.com

# ସେସ୍‌କେ ଦୁଇପଦ

ମାଏଟ୍ ମୁଡ଼େ । ତାର୍ ଉପରେ ପାଏନ୍ ଧାରେ । ତାହାକେ ଘାଁଟି ଚିଟ୍‌କି କରି ଚକେ ଲଗେଇ କରି କୁଭାଁର ଗଢ଼୍‌ସି ନାନା କିସମ୍‌ର ଜିନିସ୍ - ହାଡ଼ି, ସରେଇ, ମଠିଆନ୍ଁ ଦିଆଲିର ଦଏଠା କାଚି ଚକ୍ । ତାହାକେ ତାରି କରି ସୁଖ୍‌ଲେ ମାଁଜେନ ମାଏଟ୍ ଦେଇକରି ଚିକ୍କାସି । ଉଆ'ନ ଭରିକରି ପୁଡ଼ାସି । ଖାର୍, ଜଗାଡ଼ା ଛାରିକରି ଦେଖ୍ଲା ବେଲ୍‌କେ ତାର ଭିତ୍ରେ ଥୁଡ଼େ ମୁଡ଼େ ଉଆଁଲ୍ଲୁ ରହି ଜାଇଛେ । କେନ କେତା କଁଟାଚିରା ଧରି ନେଇଛେ । ଜେଣ୍ଟା ବନେ ହଇଛେ ତାହାକେ ଧରିକରି କୁଭାଁର ବିଚ୍‌ରା ହାଟ୍‌କେ ଜାଏସି । ଗୁଟାଦୁ ହାଟର୍ ବାଟେଭି ଫାଟି ଟୁଟି ଜାଏସି । ଏତ୍‌କି ସବୁହେଲେଭି କୁଭାଁର ର ଜିନିଷ ସରିନାଇଁଜାଏ । କିଛି ହେଲେ ଗହକିର୍ ହାତ୍‌କେ ଜାଏସି ।

ଦୁନିଆର ବାଟ୍ଁ ଘାଟ୍ଁ, ଖୋଟୁଖାଲ୍ଲୁ, ନଏଦ୍ ନାଲ୍ଲୁ, ସହର ଗାଆଁଲି ସବୁନୁ ମାଏଟ୍ ସାଆଁଟିକରି ମୁଇଁ ଗଢ଼ିଛେ କାଁଚି କୁଁଢ଼ି, ହାଁଡ଼ି ସରେଇ । ତାହାକେ ମାଁଜେନ ମାଏଟ୍ ଲଗେଇ ସଲଖ୍ ସୁନ୍ଦର କର୍ବାର ଲାଗି ଅଧ୍ୟାପକ ଡ: ବବ୍ରୁବାହନ ମହାପାତ୍ର ଆଉର୍ ଡ: ସରୋଜ କୁମାର ଦେବତା ଜେନ୍ ମେହନତ କରିଛନ କହେବାର ନାଇନ । ବରଗଡ଼ ଏମ୍. ଆର୍. ପ୍ରେସ ର ମାଲିକ୍ ମନୋରଂଜନ ମେହେର ମୋର କାଁଚି କୁଁଢ଼ିକେ ତାଁକର ଉଆ'ନ ପକେଇ କରି ବନେ କରି ପୁଡ଼େଇଛନ୍ । ହାଟେ ବଜାରେ ଗହକି ମାନକୁ ମୋର ଜିନିସ୍ ପତର ଉପ୍ରେ ଦୁଇପଦ କହେବାର ଲାଗି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମାଏନ୍‌ତା ମୁଖିଆ ଅଧ୍ୟାପକ ଡ: ଅଶୋକ କୁମାର ଦାସ ଜେନ ତଖଲିଫ୍ କରିଛନ୍ ତାହାକୁଁ କେନ୍ ଭାସାନ ସହରାମି ଆଉର୍ ଧଏନ୍ ବଲ୍‌ମି ମତେ ଭାସା ନାଇଁ ମିଲ୍‌ବାର୍ ।

ସେସ୍‌କେ ଗହକି ମାନକୁ ଦୁଇପଦ ବିନ୍‌ତିଅଛେ । କୁଭାଁର ର୍ ଜିନିସ୍ ପତର ମହାପ୍ରଭୁମହାଦେବର ପୁଜାଠାନୁ ମୁଲକରି, ବିହାବରପନ୍, ରାଁଧାବଢ଼ା, ଘରେ ବାହାରେ ସବୁଠାନେ - ଅଁତରିସାଲ୍ଲୁ ମରଘାଟିତକ ଲାଗ୍‌ସି । ହେଲେ ସବୁ ଜିନିସ୍ ସବୁଠାନେ ନାଇଁ ଲାଗେ । ଜେଣ୍ଟା ଜେନ ଲାଗବାର କଥା ସେନ ଲାଗ୍‌ସି । ମୋର ଜିନିସ୍ ପତର କେ ଭି ସଜ୍‌ବତର ଦେଖିକରି ଦୁନିଆର୍ କାର୍ବାରେ ଲଗାଲେ ମୋର ମେହନତ୍ ସାଫୁଲ ହେବା ।

**ପିତାମ୍ବର ଗୁରୁ**

Digitized by parbasikutum@gmail.com



## ଚିନ୍‌ହାର ପଏତା

**ପିତାମ୍ବର ଗୁରୁ**

**ଜନମ-ଜାତକ** - ୧୯୪୪ ପୁସ୍ ଉଆଁସ୍
**ଠିକାନା** - ଗାଁ / ପୋ:- ପଡା
ଥାନା - ବିଜେପୁର, ଜି:- ବରଗଡ଼
**ବାପ୍-ମାଁ** - ଆର୍ତ୍ତତ୍ରାଣ ଗୁରୁ - ଅନ୍ନପୂର୍ଣ୍ଣା ଗୁରୁ
**ପାଲିଛନ୍** - ଘନଶ୍ୟାମ ଗୁରୁ - ସୂର୍ଯ୍ୟ ଗୁରୁ
**ପଢ଼ା-ସୁନା** - ବି.ଏ., ବି.ଇଡ଼ି.।

**ପେସା** - ପାଠ୍‌ପଢାବାର୍ - ୧୯୬୭ ସାଲୁ କୁମ୍ଭାରି ହାଇସ୍କୁଲ ନୁ ମୁଲ୍ କରି ଧନକଉଡା ବ୍ଲକ ଅଫିସ, ପଁଚ୍‌ପଡା ସି. ଟି. ସ୍କୁଲ, ଜର୍ଜ ହାଇସ୍କୁଲ ବରଗଡ, ବିଜେପୁର ଆଉର୍ ପାଏନ୍‌ମୁରା ହାଇସ୍କୁଲେ କାମ୍ କରିଛନ୍ ।

**ନିସା** - ଗିତ୍, କବିତା, ନାଟକ, କଥାନି, ଉପନ୍ୟାସ ଲିଖିବାର୍ । ଗୁଟା ଚାଲ୍‌ସେ ନାଟର୍ ନିର୍ଦ୍ଦେସନା ଦେଇଛନ୍ ଆଉର୍ କେତେଥି ନିଜେ ଭି ରଁଗ୍ ମାଖିଛନ୍ । ତାକଁର୍ ଲିଖାମାନେ ହିରାଖଣ୍ଡ, ପ୍ରଜାତନ୍ତ୍ର, ଜଟାତୁଲ୍‌ସି, ସୁରତା ବାଗିର୍ ପତ୍ର-ପତ୍ରିକାନ ବାହାରିଛେ । ସେ ଆକାସବାଣ ସମ୍ବଲପୁର୍ କେନ୍ଦ୍ରର୍ ଝନେ ମାଏନ୍‌ତା ଗିତ୍‌କାର୍ ।

**ଲିଖାଲିଖ** -

ନିଜର୍ ଭାସାନ - ହିତ୍‌କଥା (ଛପାହଇଛେ) ବାଟେ ଘାଟେ, ତା'ର୍ ଲାଗି (ଗିତ୍) ଆସ ସଭେ ଲାଗିପଡ (ନାଟକ), ଆକାସବାଣି ସମ୍ବଲପୁର କେନ୍ଦ୍ରର ଜୁବବାଣୀ କାର୍ଜ୍ୟକ୍ରମରେ ପ୍ରସାରିତ

ଫଏସଲା - ସମ୍ବଲପୁର ଆରଣ୍ୟକ ମଞ୍ଚନ ୧୯୯୯ର ପ୍ରତିଜୋଗିତାନ ବିଜେପୁର ବଜ୍‌ରଁଗ୍ ଜୁବକସଂଘ ତର୍ଫୁ ଭାଗନେଇଥିଲା ।

ଉଡିଆ ଭାସାନ -ଉପମନ୍ୟୁ ଉପାଖ୍ୟାନ, ସହିଦ ଲକ୍ଷ୍ମଣ ନାୟକ, ସୁନ୍ଦରି ଆଖିରେ ଲୁହ, କବି କାଳିଦାସ, (ଇ ସବୁ ନାଟକ ଆକାସବାଣି ସମ୍ବଲପୁର କେନ୍ଦ୍ରର ଅଙ୍କୁର କାର୍ଜ୍ୟକ୍ରମନ ବହୁତ ଥର ପ୍ରସାରିତ) ଚକ ଘୁରିଜାଏ (ନାଟକ) ଆସ ସମସ୍ତେ ମାନିଜିବା (ପ୍ରହସନ) ଇ ଦୁଇଟା ମଞ୍ଚସ୍ଥ । ଅସାନ୍ତ ବଳୟ, ମୁକୁଟ ରକ୍ଷା, ମୁଠାଏ ଦାନ କୋଟିଏ ପୁଣ୍ୟ (ନାଟକ) ରକ୍ତଗୋଲାପ କାନ୍ଦେ ଓ ଚାନ୍ଦ (ଦୁଇଟି ଉପନ୍ୟାସ)

ଆଜଭି ଇ ବାହିର୍ କଳା ସଂସ୍କୃତିର ପ୍ରସାର ଆଉର୍ ପରଚାର୍ ଲାଗି ଅଁଠିପହର୍ ସେ ଲାଗିଛନ୍ ।

❑ ❑ ❑

Digitized by parbasikutum@gmail.com